## ସଂକ୍ଷେପରେ

### ଜଲାପୁଟ ଜଙ୍ଗଲରୁ ୨ ଟିଫିନ ବୋମା ଜବତ

କୋରାପୁଟ,୨୪।୯(ସ୍ୱ.ପ୍ର.)-କୋରାପୁଟ ଜିଲା ଲମତାପୁଟ ବ୍ଲକ ଜଲାପୁଟ ଜଙ୍ଗଲରୁ ଶନିବାର ୨ଟି ଟିଫିନ ବୋମା ଜବତ ହୋଇଛି। ପୋଲିସକୁ ଟାର୍ଗେଟ୍ କରି କରି ମାଓବାଦୀମାନେ ଏହାକୁ ମାଟିତଳେ ପୋତିଥିଲେ। ତେବେ ଏ ସମ୍ପର୍କରେ ସୂଚନାପାଇ ବିଏସ୍ଏଫ୍ ଯବାନମାନେ କୋମ୍ବିଂ ଅପରେଶନ ବେଳେ ସନ୍ଧାନୀ କୁକୁର ସହାୟତାରେ ୨ଟିଯାକ ଟିଫିନ ବୋମାକୁ ଠାବ କରିଥିଲେ। ପରେ ଏହାକୁ ନିଷ୍କ୍ରିୟ କରାଯାଇଥିବା ଜଣାପଡିଛି।

### ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପାଳିତ

ସୁନାବେଡ଼ା,୨୪।୯(ସ୍ୱ.ପ୍ର.)- କୋରାପୁଟ ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସୁନାବେଡା ମୁକ ବଧିର ବିଦ୍ୟାଳୟରେ ଆନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗର ଅଧିକାରୀ ସିମାଞ୍ଚଳ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲା ବଧିର ସଂଘ ସଭାପତି ଶେଖ ଇବ୍ରାହିମ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏତଦ ବ୍ୟତୀତ ସୁନାବେଡ଼ା ମୁକ ବଧିର ବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀ ଖୋଲିବା ପାଇଁ ଅନୁରୋଧ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିନୟ ମିଶ୍ର ଏବଂ ଶିକ୍ଷାବିତ ଡ. ଉମା ଶଙ୍କର ପ୍ରସାଦ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାଙ୍କେତିକ ଭାଷାର ପ୍ରଚାର ଓ ପ୍ରସାରର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ସାଙ୍କେତିକ ଭାଷା ଦିବସ ପାଳନ ଅବସରରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ବାର୍ତ୍ତାକୁ ମହାପାତ୍ର ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ କେଳୁ ଚରଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଶିକ୍ଷକ ସୁଭେନ୍ଦ୍ର ଦାଶ ବକ୍ତାମାନଙ୍କ ବକ୍ତବ୍ୟକୁ ସାଙ୍କେତିକ ଭାଷାରେ ଅନୁବାଦ କରି ଉପସ୍ଥାପନ କରିଥିଲେ।

### ସିପିଆଇର ଅଭିଯୋଗ ଜୟପୁରର ଐତିହ୍ୟ, ଗୌରବକୁ କ୍ଷୁଣ୍ଣ କରାଯାଉଛି



ଜୟପୁର,୨୪।୯(ନି.ପ୍ର.)- ବିଭିନ୍ନ ସ୍ଥାନରେ ଜୟପୁର ସହରର ଐତିହ୍ୟ, ଗୌରବକୁ କ୍ଷୁଣ୍ଣ କରାଯାଇ ପ୍ରତିମୂର୍ତ୍ତି ସ୍ଥାପନକୁ କୋରାପୁଟ ଜିଲା ସିପିଆଇ ବିରୋଧ କରିଛି। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦଳ ଜୟପୁର ଉପଜିଲାପାଳଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନକରି ମୁଖ୍ୟ ରାସ୍ତାରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଦଳ ଦାବି କରିଛି ଯେ, ମୁଖ୍ୟ ରାସ୍ତାରେ ବର୍ତ୍ତମାନ ଯେଉଁ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ରହିଛି ତାକୁ ବାହାର କରି ଯୋଗ୍ୟ ମର୍ଯ୍ୟାଦାସମ୍ପନ୍ନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ଏଥିସହ ଶ୍ରମ ବିଭାଗ ନିକଟରେ ଜୟପୁରର ପ୍ରଥମ ବିଧାୟକ ସ୍ୱର୍ଗତ ଲଇଛନ ନାଏକଙ୍କ ପ୍ରତିମୂର୍ତ୍ତି ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ପୂର୍ବରୁ ଆଗକୁ ମୁହଁ କରି ରହିଥିଲା। ଏବେ ପ୍ରତିମୂର୍ତ୍ତି ଦୁଇଟିକୁ ପଛ କରି ରଖାଯାଇଛି। ଉଭୟ ପ୍ରତିମୂର୍ତ୍ତିକୁ ମର୍ଯ୍ୟାଦାସମ୍ପନ୍ନ ସ୍ୱରୂପ ସାମ୍ନା କରି ସ୍ଥାପନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

### ମୋବାଇଲ ଲୁଟ୍ ଘଟଣାରେ ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୪।୯: ଜଣେ ଛାତ୍ରଙ୍କୁ ଆକ୍ରମଣ କରି ତାଙ୍କ ଦାମୀ ମୋବାଇଲ ଲୁଟି ନେଇଥିବା ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୋଷାଣୀନୂଆଗାଁର ସନ୍ତୋଷ ପାଲ ଓରଫ କାହ୍ନୁଆ (୨୩)। ସେ ନେଇଥିବା ମୋବାଇଲ ଓ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ୩ଟି ବାଇକ୍ ପୋଲିସ ଜବତ କରିଛି। ମାମଲା ନମ୍ବର ୧୪୩/୨୨ରେ ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ପୋଲିସ ପୂର୍ବରୁ ଗୋଷାଣୀନୂଆଗାଁର ରଞ୍ଜନ ବରାଡ଼ (୨୨) ଓ ନେହେରୁନଗରର ଜଗନ୍ନାଥ ମହାରଣା (୨୧)ଙ୍କୁ ଗିରଫ କରିଥିଲା। ଏହା ସହିତ ଜଣେ ନାବାଳକଙ୍କୁ ଧରି ଜେଜେବିରେ ହାଜର କରିଥିଲା।

# ମାସକୁ ଦୁଇଥର ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିର୍ଦ୍ଦେଶ

**ଆବାସିକ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ କର୍ମଶାଳା**

ରାୟଗଡ଼ା ଅଫିସ,୨୪।୯

ରାୟଗଡ଼ା ଜିଲା ଅନୁସୂଚିତ ଜାତି ଜନଜାତି ବିଭାଗ ଅଧୀନସ୍ଥ ସମସ୍ତ ସରକାରୀ ଆବାସିକ ଉଚ୍ଚ ପ୍ରାଥମିକ ବିଦ୍ୟାଳ, ଉଚ୍ଚ ବିଦ୍ୟାଳୟ ଏବଂ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ସ୍ୱାସ୍ଥ୍ୟ ଓ ଜୀବନ କୌଶଳ ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିରିଗୁଡ଼ା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଠାରେ ଦୁଇ ଦିନ ଧରି ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୧ଟି ବ୍ଲକର ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ।

ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦ୍ୟାଳୟ ଓ ହଷ୍ଟେଲ ପରିଚାଳନାରେ ସୁବିଧା, ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ବିଶେଷ କରି ଆବାସିକ ବିଦ୍ୟାଳୟରେ ମାସକୁ ଦୁଇଥର ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଜରୁରୀକାଳୀନ ମରାମତି କରିବା ପାଇଁ ଆବଶ୍ୟକ ଅର୍ଥ, ଏଥିନିମନ୍ତେ ବ୍ଲକ ସ୍ତରରେ କାରିଗର ସୁବନ୍ଦୋବସ୍ତ କରିବା, ବାଲ୍ୟବିବାହକୁ ରୋକିବା ପାଇଁ ସଚେତନତା, ଶିକ୍ଷାଦାନ ଓ ହଷ୍ଟେଲ ପରିଚାଳନାରେ ହେଉଥିବା ସମସ୍ୟାର ଆଶୁ ସମାଧାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜୀବନ କୌଶଳ ଶିକ୍ଷା ସଂଯୋଜକ ସୁରେଶ କୁମାର ଲିମାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ଜୀବନ କୌଶଳ ଶିକ୍ଷା ସଂଯୋଜକ ଆଦିତ୍ୟ କୁମାର ଯୋଗଦେଇ ଜୀବନ କୌଶଳର ମୌଳିକତା, ବିଭିନ୍ନ ଦିଗର ଆବଶ୍ୟକତା, ପ୍ରତ୍ୟେକଙ୍କ ନିଜସ୍ୱ ଭୂମିକା ବିଷୟରେ ତାଲିମ ଦେଇଥିଲେ। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲା ପ୍ରମୁଖ ବାସୁଦେବ ରଥ କର୍ମଶାଳାରେ ଯୋଗଦେଇ ପ୍ରଶିକ୍ଷଣ ଦେବା ସହ ବିଦ୍ୟାଳୟ ସହ ଜଡ଼ିତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଜିଲା ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମଶାଳାରେ ରାୟଗଡ଼ା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଓ ଗୁଣପୁର ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡିରେ ଗୁଣାତ୍ମକ ଆଦ୍ୟ ଶୈଶବ ତାଲିମ



ପଦ୍ମପୁର,୨୪।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ସ୍ଥିତ ସରକାରୀ ଉପର ଜୁମୁରୁଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ୟୁନିସେଫ ତତ୍ତ୍ୱାବଧାନରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ନିର୍ଦ୍ଦେଶରେ ଶିଶୁଙ୍କ ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ନିମନ୍ତେ ଗୁଣାତ୍ମକ ଆଦ୍ୟ ଶୈଶବ ଗ୍ରାମ୍ୟସ୍ତରୀୟ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ମହିଳା ଓ ଶିଶୁ କଲ୍ୟାଣ ବିଭାଗର ନିର୍ଦ୍ଦେଶରେ ୨୦ ସଭ୍ୟା ସଭ୍ୟଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା।

ପ୍ରାରମ୍ଭରେ ଗୁରୁବ୍ରହ୍ମା ସମ୍ମାନିତ ଶିକ୍ଷକ ଦିଲୀପ କୁମାର କର ଓ ଶିକ୍ଷା କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଜୁମୁରୁଗୁଡ଼ା ଅଙ୍ଗନୱାଡି କେନ୍ଦ୍ରର ଶିକ୍ଷୟିତ୍ରୀ ହରବିଳାସିନୀ ସାହୁ ଓ ବିଚିକୋଟ ଅଙ୍ଗନୱାଡି କେନ୍ଦ୍ରର ଶିକ୍ଷୟିତ୍ରୀ ସ୍ନେହାଞ୍ଜଳୀ ମିଶ୍ର ଦେବୀ ପ୍ରାର୍ଥନା ଗାନ କରିଥିଲେ। ପରିଦର୍ଶିକା ଅନୀତା ପାଣିଗ୍ରାହୀ ତାଲିମର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ପଦ୍ମପୁର ମହିଳା ସ୍ୱାସ୍ଥ୍ୟକର୍ମୀ ସୁନିତା ପାଣିଗ୍ରାହୀ ପିଲାଙ୍କ ସର୍ବାଙ୍ଗୀନ ଉନ୍ନତିରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ କିପରି ଓତଃପ୍ରୋତ ଭାବେ ଜଡ଼ିତ ସେ ବିଷୟରେ କହିଥିଲେ। ଶିକ୍ଷକ ଦିଲୀପ କର ଜାତୀୟ ଶିକ୍ଷାନୀତି ଅନୁଯାୟୀ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ଗଣଶିକ୍ଷା ବିଭାଗର ମିଳିତ ପ୍ରୟାସରେ କିପରି ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ବିଭାଗର ସହଯୋଗରେ ତୃଣମୂଳସ୍ତରରୁ ପିଲାଙ୍କ ସାମୁହିକ ବିକାଶ କରାଯିବ ତାହା ଉପସ୍ଥିତ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଶିକ୍ଷା କମିଟି ସଭାପତି ସ୍ୱରଚିତ ଗୁରୁ ବନ୍ଦନା ଗାନ କରିଥିଲେ। ଏହି ସମୟରେ କେନ୍ଦୁଗୁଡ଼ା କେନ୍ଦ୍ରର ସୁପରଭାଇଜର୍ ସନ୍ଧ୍ୟାରାଣୀ ଦାସ ଓ ପଦ୍ମପୁର ଅଙ୍ଗନୱାଡି କେନ୍ଦ୍ରର ଶିକ୍ଷୟିତ୍ରୀ ଯାଜ୍ଞସେନୀ ପାଢ଼ୀ ପରିଦର୍ଶନରେ ଆସି ଶିଶୁଙ୍କୁ କିପରି ବିଦ୍ୟାଳୟ ଅଭିମୁଖୀ କରାଯିବ ସେ ବିଷୟରେ କହିଥିଲେ। ଉକ୍ତ ତାଲିମ କେନ୍ଦ୍ରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ରେଣୁବାଳା ନାୟକ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀବସ୍ତ କୈବର୍ତ୍ତ, ଅଙ୍ଗନୱାଡି ଶିକ୍ଷୟିତ୍ରୀ ପ୍ରମିଳା ପାଢ଼ୀ, ସହାୟିକା ମଞ୍ଜୁଳା ପାଢ଼ୀ, ଆଶାକର୍ମୀ ସଞ୍ଜୁଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଙ୍ଗନୱାଡି ଶିକ୍ଷୟିତ୍ରୀ ଯାଜ୍ଞସେନୀ ପାଢ଼ୀ ତାଲିମ ସମ୍ପର୍କିତ ଏକ ସୁନ୍ଦର କବିତା ଗାନକରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗାନ୍ଧୀ ପବ୍ଲିକ ସ୍କୁଲରେ ସବୁଜ ଦିବସ ପାଳିତ



ଛାତ୍ରୀଛାତ୍ରମାନେ ବିଭିନ୍ନ ବୃକ୍ଷଲତା ବେଶ ଧାରଣ କରିଛନ୍ତି।

ଗୁଣପୁର,୨୪।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ସବୁଜ ଦିବସ ଶନିବାର ପାଳନ କରାଯାଇଛି। ବୃକ୍ଷରାଜିର ସୁରକ୍ଷା ସବୁଜ ପରିବେଶ ତଥା ଏକ ସବୁଜ ସୁନ୍ଦର ପୃଥିବୀ ନିର୍ମାଣ ଦିଗରେ ଜାଗରଣ ସୃଷ୍ଟି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ଉପଲକ୍ଷେ ବିଦ୍ୟାଳୟରେ ନର୍ସରୀରୁ କେଜି ଶ୍ରେଣୀର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସର ତଥା ଶ୍ରେଣୀଗୃହ ଗୁଡ଼ିକୁ ସବୁଜ ରଙ୍ଗରେ ସଜାଯାଇଥିଲା। ଛାତ୍ରୀଛାତ୍ର ମଧ୍ୟ ସବୁଜ ରଙ୍ଗର ପୋଷାକ ପିନ୍ଧି ତଥା ସବୁଜ ସୁନ୍ଦର ବୃକ୍ଷଲତା ବେଶ ଧାରଣକରି ନୃତ୍ୟ ଓ ଗୀତ ମାଧ୍ୟମରେ ସବୁଜ ସୁନ୍ଦର ପୃଥିବୀର ଆବଶ୍ୟକତାକୁ ହୃଦ୍‌ବୋଧ କରାଇଥିଲେ। ମାନବ ସମାଜ ତଥା ଜୀବଜଗତ ବଞ୍ଚି ରହିବାକୁ ହେଲେ ପରିବେଶକୁ ବୃକ୍ଷରାଜି ଦ୍ୱାରା ସବୁଜିମା କରିବାକୁ ପଡ଼ିବ ବୋଲି ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ ପିଲାଙ୍କୁ କହିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା ପିଲାଙ୍କ ଉଦ୍ୟମକୁ ପ୍ରଶଂସା କରି ପରିବେଶ କୁ ସବୁଜ ସୁନ୍ଦର କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟି. ଶ୍ରୀଦେବୀ ପିଲାଙ୍କ ପରିବେଶ ପ୍ରତି ଜାଗୃତ ଭାବନା ପାଇଁ ଅଭିଭାବକ ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା ଏବଂ ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ବିଦ୍ୟାଳୟରେ ଏଭଳି ପରିବେଶଧର୍ମୀ କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିଥିଲେ।

### ଜିଆଇଇଟି ପକ୍ଷରୁ ୫୫ ୟୁନିଟ ରକ୍ତ ସଂଗ୍ରହ
### ଏନ୍‌ଏସ୍‌ଏସ୍ ଦିବସ

ଗୁଣପୁର,୨୪।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ପାଳନ ଉପଲକ୍ଷେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରେଜିଷ୍ଟ୍ରାର ଏନ୍.ଭି.ଜେ. ରାଓ ଏହାର ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ୍ ଏ.ବି. ଶ୍ରୀନିବାସ ରାଓ, ଅଧ୍ୟାପକ ଭି. ଗଣେଷ, କ୍ରୀଡ଼ା ଶିକ୍ଷକ ରବିନ୍ଦ୍ର କୁମାର ପଣ୍ଡା, ଅଧ୍ୟାପିକା ପୂଜା ସ୍ୱାଇଁ, ଡାକ୍ତର ଏସ୍.ଏସ୍.ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୁଣପୁର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ପରିଚାଳକ ଜେ. କିଶୋର ପାତ୍ର, ଶୈଳଜା ଲେଙ୍କା, ରଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ଆବାହକ ଡ.ପ୍ରେମାଂଶୁ ଶେଖର ରଥ, କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତିର୍ମୟୀ ମିଶ୍ର, ରଶ୍ମିପ୍ରଭା ମହାରଣା, କୃଷ୍ଣ ପ୍ରସାଦ ଦାସ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଗୁଣପୁର ରକ୍ତଭଣ୍ଡାରର ଡାକ୍ତର ଲକ୍ଷ୍ମଣ ପାତ୍ର, ଟେକ୍ନିସିଆନ ରାକେଶ କୁମାର ପଣ୍ଡା, ଚନ୍ଦ୍ରଶେଖର ପାତ୍ର, ଗୌରିଶଙ୍କର ବ୍ରହ୍ମା, ରାଧାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତସଂଗ୍ରହ କରିଥିଲେ।

# ରେଲ୍‌ୱେ ଜାଗା ଶୀଘ୍ର ଖାଲି କରିବାକୁ ବ୍ୟବସାୟୀଙ୍କୁ ନୋଟିସ

ମୁନିଗୁଡ଼ା, ୨୪।୯(ଡି.ଏନ୍.ଏ.)

ମୁନିଗୁଡ଼ା ବସଷ୍ଟାଣ୍ଡରୁ ତହସିଲ ପକ୍ଷରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ସେମାନଙ୍କୁ ଥଇଥାନ କରାଯାଇନାହିଁ। ଏବେ ରେଲ୍‌ୱେ ଜମିକୁ ଜବରଦଖଲ କରି ବ୍ୟବସାୟ ଚଳାଇଥିବା ରେଳ ଷ୍ଟେଶନ ରୋଡ୍‌ର ବ୍ୟବସାୟୀମାନଙ୍କୁ ଶୀଘ୍ର ଜାଗା ଖାଲି କରିବାକୁ ରେଲ୍‌ୱେ ପକ୍ଷରୁ ନୋଟିସ କରାଯାଇଛି। ଏହାକୁ ନେଇ ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ, ମୁନିଗୁଡ଼ା ରାୟଗଡ଼ା ଜିଲାର ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର। ତେବେ କୌଣସି ବିକଳ୍ପ ବ୍ୟବସ୍ଥା କିମ୍ବା ଥଇଥାନ ନ କରି ଦୋକାନ ଗୃହ ଭଙ୍ଗାଯିବା ଦ୍ୱାରା ବ୍ୟବସାୟୀମାନେ ହଇରାଣ ହେବେ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଉଲ୍ଲେଖଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ରେଲ୍‌ୱେ ଷ୍ଟେଶନ ରୋଡ୍‌ରୁ ୨ ମାସ ମଧ୍ୟରେ ଜବରଦଖଲ କରିଥିବା ବ୍ୟବସାୟୀ ଜାଗା ଖାଲି କରିବାକୁ ମେ ୧୧ ରେ କୁହାଯାଇଥିଲା। ଏହି ଅନୁସାରେ ଜୁଲାଇ ୧୧ ସୁଦ୍ଧା ଜାଗା ଖାଲି କରିବା କଥା। ହେଲେ ବ୍ୟବସାୟୀମାନେ ଏ ପର୍ଯ୍ୟନ୍ତ ଜାଗା ଖାଲି କରିନାହାନ୍ତି। ଫଳରେ ମୁନିଗୁଡ଼ାସ୍ଥିତ ପୂର୍ବତଟ ରେଳପଥର ବରିଷ୍ଠ ଅନୁଭାଗ ଯନ୍ତ୍ରୀ(କାର୍ଯ୍ୟ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲ କରିଥିବା ବ୍ୟବସାୟୀ ମାନଙ୍କୁ ସେପ୍ଟେମ୍ବର ୨୦ରେ ପୁଣି ନୋଟିସ କରାଯାଇଛି।

# ଦିବ୍ୟାଙ୍ଗ ଯୁବକଙ୍କୁ ପିଟିଲେ ହୋମଗାର୍ଡ

- ଥାନାରେ ଏତଲା ଦେଲେ ଯୁବକ
- ଜୀବନରେ ମାରି ଦେବାକୁ ଧମକ ଦେଇଥିବା ପାଲଟା ଅଭିଯୋଗ କଲେ ହୋମଗାର୍ଡ

ଚନ୍ଦାହାଣ୍ଡି, ୨୪।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ୨୨ରେ ହୋଇଥିବା ଭୀମଭୋଇ ଭିନ୍ନକ୍ଷମ ଶିବିରରେ ଅଭିଯୋଗ ଜଣାଇବାକୁ ଆସିଥିବା ତେନ୍ତୁଳିପଦା ଗ୍ରାମର କୈଳାସ ନାୟକ(୨୯)ଙ୍କୁ ଚନ୍ଦାହାଣ୍ଡି ଥାନା ହୋମଗାର୍ଡ ହୃଦାନନ୍ଦ ବାଘ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଚାପୁଡା ମାରିଥିଲେ। ଏଥିସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଯୁବକ ଜଣକ ଚନ୍ଦାହାଣ୍ଡି ଥାନାରେ ହୋମଗାର୍ଡଙ୍କ ନାମରେ ଏତଲା ଦେଇଛନ୍ତି। ହୋମଗାର୍ଡ ହୃଦାନନ୍ଦ ମଧ୍ୟ କୈଳାସଙ୍କ ନାମରେ ପାଲଟା ଏତଲା ଦେଇଛନ୍ତି। କୈଳାସ ଡ୍ୟୁଟିରେ ବ୍ୟାଘାତ ଦେବା ସହ ଗାଳିଗୁଲଜ କରିଥିବା ଏବଂ ଜୀବନରେ ମାରି ଦେବାକୁ ଧମକ ଦେଇ କୈଳାସ ତାଙ୍କ ଏତଲାରେ ଉଲ୍ଲେଖ କରିଥିବା ଚନ୍ଦାହାଣ୍ଡି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି। ଉଭୟଙ୍କ ଏତଲାକୁ ଭିତ୍ତି କରି ଚନ୍ଦାହାଣ୍ଡି ଥାନାରେ ଯଥାକ୍ରମେ କେସ୍ ନଂ ୧୧୧/୨୨, ଏବଂ ୧୧୨/୨୨ରେ ଦୁଇଟି ମାମଲା ରୁଜୁ କରାଯାଇଛି। ତଦନ୍ତଭାର ଏସ୍‌ଆଇ ସମୀର ପ୍ରଧାନଙ୍କୁ ଦିଆଯାଇ ଥାନାଧିକାରୀ କହିଛନ୍ତି। କୈଳାସଙ୍କୁ ଭଲରେ ଦେଖା ଯାଏନି କି କାନକୁ ଶୁଭେନାହିଁ। ତେଣୁ ସେ ୨୨ରେ ଚନ୍ଦାହାଣ୍ଡି ପାନାବେଡା ଡିଗ୍ରୀ କଲେଜରେ ଅନୁଷ୍ଠିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ୱାର୍ଡ ସଭ୍ୟ ଫଗୁନୁ ମାଝିଙ୍କ ସହ ଆସିଥିଲେ। ଡାକ୍ତର ଦେଖାଇ ସାରି ଶିବିର ପାଖରେ ଜଣେ ସାଙ୍ଗଙ୍କ ସହ କଥା ହେବା ସମୟରେ ହୃଦାନନ୍ଦ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଚାପୁଡା ମାରିଥିବା ନେଇ କୈଳାସ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। କୈଳାସ ଡ୍ୟୁଟିରେ ବ୍ୟାଘାତ ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ଦେଇଥିବା ହୃଦାନନ୍ଦ ଅଭିଯୋଗ କରିଛନ୍ତି ଘଟଣାର ନିରପେକ୍ଷ ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

### ସଂଭାଗସ୍ତରୀୟ ବିଦ୍ୱତ ପରିଷଦ ବୈଠକ, ଆଲୋଚନାଚକ୍ର

ଜୟପୁର,୨୪।୯ (ନି.ପ୍ର.)

ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂଭାଗସ୍ତରୀୟ ବିଦ୍ୱତ ପରିଷଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ସାମୁହିକ ସଙ୍ଗୀତ ଗାନ ପରେ ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ ବଡ଼ିଆ ଅତିଥି ପରିଚୟ ଦେଇଥିଲେ। ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଲକ୍ଷ୍ମଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାବଲମ୍ବୀ ଭାରତ ଗଠନରେ ଜାତୀୟ ଶିକ୍ଷା ନୀତିର ଭୂମିକା ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା। ବିଭିନ୍ନ ଉଦାହରଣ ମାଧ୍ୟମରେ ନୂତନ ଶିକ୍ଷା ନୀତି ଶିଶୁମାନଙ୍କ ପାଇଁ ନିହାତି ଆବଶ୍ୟକ ଏବଂ ଏହାକୁ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଶିକ୍ଷାବିତ ଯୁଗଳ କିଶୋର ମିଶ୍ର, ଓମ୍ ପ୍ରକାଶ ମିଶ୍ର, ଦିଲ୍ଲୀପ ପଣ୍ଡା ଅନ୍ୟତମ ଅତିଥି ରୂପେ ଯୋଗଦେଇ ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ, ଆବଶ୍ୟକତା ସମ୍ପର୍କରେ ନିଜ ନିଜ ମତ ରଖିଥିଲେ। ଶିକ୍ଷାବିକାଶ ସମିତି, ଓଡିଶା ବିଦ୍ୱତ ପରିଷଦର ପ୍ରାନ୍ତ ସଂଯୋଜକ ଅଶ୍ୱିନୀ ନାୟକ, ସଂଭାଗ ସମ୍ପାଦକ ସୁରଥ ଡାକୁଆ, କୋରାପୁଟ ବିଭାଗ ନିରୀକ୍ଷକ ସୁବ୍ରତ ପଟ୍ଟନାୟକ ଉପସ୍ଥିତ ଥିଲେ। ପରିଚାଳନା ସମିତି ସମ୍ପାଦକ ପଙ୍କଜ ପାତ୍ର, ସହ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଜଗନ୍ନାଥ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। କୈଳାସ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନାବାଳିକା ଅପହରଣ, ବଳାତ୍କାର ମାମଲା**

ରାୟଗଡ଼ା ଅଫିସ,୨୪।୯–

ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ପ୍ରମାଣ ଅଭାବରୁ ରାୟଗଡ଼ା ଅତିରିକ୍ତ ଦୌରାଜଜ୍ ତଥା ପ୍ରିଜାଇଡିଂ ଅଫିସର(ପୋକ୍‌ସୋ)ସୋନାଲି ପଟ୍ଟନାୟକ ଅଭିଯୁକ୍ତ ସୁଶାନ୍ତ ଦଣ୍ଡସେନାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଚାନ୍ଦିଲି ଥାନା ଅଞ୍ଚଳରେ ୨୦୨୧ ସେପ୍ଟେମ୍ବର ୩ ରେ ଏହି ଘଟଣା ଘଟିଥିଲା। ଏ ନେଇ ଥାନାରେ ୧୫୮/୨୧ ରେ ଏକ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ତରଫରୁ ଓକିଲ ବିରଜା ପ୍ରସାଦ ପାତ୍ର ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ।




# ବିଷପିଇ ମହିଳା ଗୁରୁତର

ଟିକିରି,୨୪।୯(ଡି.ଏନ୍.ଏ.)–

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶଙ୍କରଡ଼ା ଗ୍ରାମରେ ସ୍ୱାମୀଙ୍କ ସହ କଳହରୁ ଜଣେ ମହିଳା ଶନିବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ଗାଁର ବାବି ମାଝି ଏବଂ ସ୍ତ୍ରୀ କୁନିଙ୍କ ମଧ୍ୟରେ ସନ୍ଧ୍ୟାରେ କୌଣସି ବିଷୟକୁ ନେଇ କଥା କଟାକଟି ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ କୁନି ଘରେ ଥିବା କୌଣସି ଔଷଧ ପିଇ ଦେଇଥିଲେ। ସ୍ୱାମୀ ଏହା ଜାଣିବା ପରେ ତୁରନ୍ତ ଟିକିରି ସାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।

# ମିଲେଟ ମିଶନ: ଓଡିଶା ଜାତୀୟ ସ୍ତରରେ ପୁରସ୍କୃତ

କୋରାପୁଟ,୨୪।୯(ସ୍ୱ.ପ୍ର.)

ମିଲେଟ ମିଶନ ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶାକୁ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଥିବା ଜଣାଯାଇଛି। ହାଇଦ୍ରାବାଦଠାରେ ଶୁକ୍ରବାର ଆଇସିଏଆର ଓ ନ୍ୟୁଟ୍ରି ହବ ଦ୍ୱାରା ଆୟୋଜିତ ଜାତୀୟ ନ୍ୟୁଟ୍ରି ସିରିଲ କନଭେନସନ ୪.୦ରେ ଓଡିଶାକୁ ଏହି ସମ୍ମାନ ମିଳିଥିବା ଓଡିଶା ମିଲେଟ ମିଶନର ପ୍ରତିନିଧି ଦଳର ସଦସ୍ୟ ତଥା ମିଲେଟ ବିଶେଷଜ୍ଞ ତାପସ ରାଏ ସୂଚନା ଦେଇଛନ୍ତି। ଓଡିଶା ଏହି ସମ୍ମିଳନୀରେ ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ଗ୍ରହଣ କରିଛି। ଏହା ପୂର୍ବରୁ ରାଜ୍ୟକୁ ଶ୍ରେଷ୍ଠ ମିଲେଟ ମିଲେଟ ପ୍ରମୋଟିଂ ଷ୍ଟେଟ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଏଥର ମିଲେଟ ମିଶନ ସ୍କେଲିଂ ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ କରାଯାଇଛି। କୋରାପୁଟ ଅଞ୍ଚଳରେ ମାଣ୍ଡିଆ, ସୁଆଁ ଭଳି ବିଭିନ୍ନ ମିଲେଟ ଜାତୀୟ ଶସ୍ୟ ଉପରେ ପ୍ରାଧାନ୍ୟ ବୃଦ୍ଧି ପାଇଥିବା ଓଡିଶା ମିଲେଟ ମିଶନର ପ୍ରତିନିଧି ଦଳର ସଦସ୍ୟ ରାଏ କହିଛନ୍ତି। କୋରାପୁଟ ଜିଲାରେ ଗତବର୍ଷ ମିଲେଟ ମିଶନରେ ୯୭ ହଜାର କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ ହୋଇଥିଲା। ଚଳିତ ବର୍ଷଠାରୁ ଜିଲାର ୧୨ଟି ବ୍ଲକରେ ମିଲେଟ ମିଶନ ଜରିଆରେ ମାଣ୍ଡିଆ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଏ କହିଛନ୍ତି।




ଓଡିଶା ପକ୍ଷରୁ ତାପସ ରାଏ ପୁରସ୍କାର ଗ୍ରହଣ କରୁଛନ୍ତି।

# କୁନି ପ୍ରବଚକ କେଶବଙ୍କ ପ୍ରବଚନ ପ୍ରମୁଖ ଆକର୍ଷଣ ହେବ

**୧୭ ବର୍ଷରେ ମା'ଙ୍କ ପୂଜା**

ଗୁଡାରୀ,୨୪।୯(ଡି.ଏନ୍.ଏ.)

ଗୁଡ଼ାରି ଟାଉନ ଦୁର୍ଗାପୂଜା ୧୭ ବର୍ଷରେ ପଦାର୍ପଣ କରିଛି। ପ୍ରଥମ ଥର ପାଇଁ ଚଳିତ ବର୍ଷ ମାଁ ହାଇସ୍କୁଲ ପଡ଼ିଆ ବଦଳରେ ନୂଆ ବସଷ୍ଟାଣ୍ଡ ନିକଟ ମଣ୍ଡପରେ ବିଜେ କରିବେ। ଆକର୍ଷଣୀୟ ମେଢ଼ ସାଙ୍ଗକୁ ସୁସଜ୍ଜିତ ଆଲୋକ ମାଳା ପୂଜା ମଣ୍ଡପର ଶୋଭା ବର୍ଦ୍ଧନ କରିବ ବୋଲି ଟାଉନ ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ ମହାନ୍ତି କହିଛନ୍ତି। ଏଥିସହ ଚଳିତ ବର୍ଷ ପୂଜା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅକ୍ଟୋବର ୨, ୩ ଓ ୪ ସନ୍ଧ୍ୟାରେ ଓଡ଼ିଶାର କୁନି ପ୍ରବଚକ କେଶବ ପ୍ରସାଦ ଦ୍ୱିତୀକୃଷ୍ଣ ପ୍ରବଚନ ଦେବା କାର୍ଯ୍ୟକ୍ରମ ରହିଛି। ୫ ତାରିଖରେ ଗୁଡ଼ାରୀର ମାଁ ମାଣିକେଶ୍ୱରୀ ସାହିତ୍ୟ, ସଂସ୍କୃତି ଓ କଳା ପରିଷଦ ପକ୍ଷରୁ ମେଲୋଡି ପ୍ରଦର୍ଶିତ ହେବ। ସେହିପରି ୬ ତାରିଖରେ ଲୋକପ୍ରିୟ ଗାୟକ ହ୍ୟୁମାନ ସାଗରଙ୍କ ମେଲୋଡି ଶୋ' ହେବ। ୭ ତାରିଖରେ ମାଁ ଙ୍କ ବିସର୍ଜନ ପବିତ୍ର ବଂଶଧାରା ନଦୀରେ ହେବ। ପଶ୍ଚିମ ଓଡ଼ିଶାର ଏକ ଲୋକକଳା ଏହି ବିସର୍ଜନ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ସଭାପତି କହିଛନ୍ତି। ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା ମଣ୍ଡପ ସମ୍ମୁଖ ବସଷ୍ଟାଣ୍ଡ ପଡ଼ିଆରେ ପରିବେଷଣ ହେବ ବୋଲି ସୂଚନା ମିଳିଛି।






ଟାଉନ ଦୁର୍ଗାପୂଜା କମିଟି ପକ୍ଷରୁ ତୋରଣ ପ୍ରସ୍ତୁତି ଚାଲିଛି।

## ସଂକ୍ଷେପରେ

### ପଞ୍ଚମୁଖୀ ହନୁମାନ ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି

ନବରଙ୍ଗପୁର,୨୪।୯(ବି.ପ୍ର.)- ନବରଙ୍ଗପୁର ବ୍ଲକ କେସିରିଗୁଡା ପଞ୍ଚମୁଖୀ ହନୁମାନ ମନ୍ଦିରରେ ବିଳମ୍ବିତ ରାତିରେ ଚୋରି ହୋଇଛି। ସକାଳୁ ପୂଜକ ପୁରନ୍ଦର ଜାନୀ ମନ୍ଦିର ଖୋଲିବା ପରେ ଚୋରି ସମ୍ପର୍କରେ ଜାଣି ନବରଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ମୁଖ୍ୟ ଫାଟକ ଉପରେ ଥିବା ଖୋଲା ସ୍ଥାନ ଦେଇ ମନ୍ଦିରର ସିଲିଂ ତାଡି ଦୁର୍ବୃତ୍ତମାନେ ଭିତରେ ପସି ହୁଣ୍ଡିରୁ ଟଙ୍କା ନେଇ ଯାଇଛନ୍ତି । ବିଭିନ୍ନ ସ୍ଥାନରେ ଚପଲ ଚିହ୍ନ ରହିଛି। ଥାନାଧିକାରୀ ନରେଶ ପ୍ରଧାନ, ଏଏସ୍ଆଇ ଅଶୋକ ଦେଓ, ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମନ୍ଦିର ଚାରିପଟେ ଉନ୍ନତିକରଣ କାମ ଚାଲିଛି। ଏହି ସମୟରେ ଚୋରି ହେବା ବିଡମ୍ବନା ବୋଲି କମିଟି ସଭ୍ୟ ଶୁଭେନ୍ଦୁ କୁମାର ସାମନ୍ତରାୟ, ମାନ ଜାଣି, ସମିତି ସଭ୍ୟ ସଦା ଗୌଡ଼, ସଭାପତି ମୃତ୍ୟୁଞ୍ଜୟ ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ତ୍ରିନାଥ ଭଞ୍ଜ କହିଛନ୍ତି। ଏନେଇ ନବରଙ୍ଗପୁର ପୋଲିସ କେସ ନମ୍ବର ୪୬୨/୨୨ ଏକ ମାମଲା ରୁଜୁ କରି ଜଣଙ୍କୁ ଅଟକ ରଖିଛି।

### ବିଦେଶୀ ମଦ ଜବତ, ୨ ଗିରଫ

ରାଇଘର, ୨୪।୯(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ପୋଲିସ ପାଟ୍ରୋଲିଂ କରିବା ସମୟରେ ଶୁକ୍ରବାର ରାତିରେ ବିଦେଶୀ ମଦ ଭର୍ତ୍ତି ଏକ ବୋଲେରୋ ଗାଡି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛତିଶଗଡ ଫରୋଶଗାଁ ଥାନା ଅଧୀନ ରଦାନା ଗ୍ରାମର ଗୋପାଲ ବୋଘେଲ (୨୪) ଓ ରାଜୁ ଚୈହାନ (୪୫)। ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ପରୁଆ ରାସ୍ତାରେ ଥିବା ଠିପି ଖୋଲା ମଦ ଦୋକାନରୁ ଏକ ବୋଲେରୋ (ସିଜି-୦୫ଏଜି-୪୮୫୦)ରେ ୨୪୦ ବୋତଲ ମଦ ନେଇ ଅଭିଯୁକ୍ତମାନେ ଯାଉଥିଲେ। ରାଇଘର ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦାଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ମନୋଜ ବେହେରା ଓ ଏଏସ୍ଆଇ ରବୀନ୍ଦ୍ର ପ୍ରଧାନ ପାଟ୍ରୋଲିଂ କରୁଥିବାବେଳେ ସେମାନେ ଗାଡିକୁ ଅଟକାଇ ଯାଞ୍ଚ କରିବା କରି ମଦ ଜବତ କରିଛନ୍ତି। ଏହାପରେ ପୋଲିସ କେସ୍ ନଂ. ୧୮୪/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସ୍ୱାଗତ

ଡାବୁଗାଁ, ୨୪।୯ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ନବରଙ୍ଗପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଭାବେ ଚୟନ କରାଯାଇଛି। ଏହାପରେ ଡାବୁଗାଁ ବିଜେଡି କର୍ମୀମାନେ ଶନିବାର ସନ୍ଧ୍ୟାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଧାୟକ ହେବା ପରେ ସେ ଅନେକ ସମୟରେ ଲୋକଙ୍କ ପାଇଁ କାମ କରି ଚର୍ଚ୍ଚାରେ ରହି ଆସୁଥିଲେ। ଲୋକଙ୍କ ପାଖରେ ସୁବିଧା ଅସୁବିଧା ସମୟରେ ପହଞ୍ଚି ଯାଉଥିଲେ। ବର୍ତ୍ତମାନ ଯୋଜନା ବୋର୍ଡ ଅଧ୍ୟକ୍ଷ ହେବାପରେ ସେ ନିଜ ଆଞ୍ଚଳ ତଥା ନିଜ ଜିଲାର କିପରି ଭାବେ ଉନ୍ନତି କରିବେ ତାହା ଦେଖିବେ ବୋଲି ଲୋକଙ୍କ ବିଶ୍ୱାସ। ଏହି ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା ପରିଷଦ ସଭ୍ୟ ଜୋନ-୨ ଗୁପ୍ତ ବିଶୋଇ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଟି. ଜୁଗୁନୁ ଓ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

# ଜିଲାରେ ସୁପ୍ତ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ

ନବରଙ୍ଗପୁର,୨୪।୯(ବି.ପ୍ର.)

ରାଜ୍ୟ ସରକାର ୨୦୧୮ରେ ନବରଙ୍ଗପୁର ଜିଲାରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ (ଏସ୍‌ଡିଟିସି) ଗଠନ କରିଥିଲେ। ସେଥିରେ ବର୍ତ୍ତମାନର ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ସଭାପତି, ମଞ୍ଜୁଳା ମାଝି ଉପସଭାପତି ଏବଂ ୧୫ ଜଣ ସଭ୍ୟ ଥିଲେ। ତେବେ ୨୦୧୯ ସାଧାରଣ ନିର୍ବାଚନ ପରେ ତାହା ସୁପ୍ତ ଅବସ୍ଥାରେ। ବର୍ତ୍ତମାନ ନବରଙ୍ଗପୁରରେ ଏହି ପରିଷଦର କାର୍ଯ୍ୟାଳୟ ମଧ୍ୟ ନାହିଁ।

ଏସ୍‌ଡିଟିସି କାର୍ଯ୍ୟାଳୟରେ ଥିବା ସମସ୍ତ ସାମଗ୍ରୀ ଏବେ ଆଇଟିଡିଏ କାର୍ଯ୍ୟାଳୟରେ ଖତ ଖାଉଥିବା ଅଭିଯୋଗ ହେଉଛି। ଏବେ ଏସ୍‌ଡିଟିସିରେ କୌଣସି କର୍ମଚାରୀ ନ ଥିବା ସୂଚନା ମିଳିଛି। ଏହାକୁ ନେଇ ନବରଙ୍ଗପୁର ବାସିନ୍ଦା ପ୍ରଶ୍ନ ଉଠାଇବା ସହ ଏହା ବିଜେଡି ସରକାରଙ୍କର ଆଦିବାସୀଙ୍କ ପ୍ରତି ନିର୍ବାଚନୀ ଥୋପ ବୋଲି କହିଛନ୍ତି। ସରକାର ଏଭଳି ପଦକ୍ଷେପ ନେଇ ନିର୍ବାଚନୀ ବୈତରଣୀ ପାରି ହେଲା ପରେ ଭୁଲିଯାଉଥିବା ଅଭିଯୋଗ କରିଛନ୍ତି ଜିଲାବାସୀ। ବର୍ତ୍ତମାନ ୨୦୨୪ରେ ସାଧାରଣ ନିର୍ବାଚନ ଥିବାରୁ ସରକାର ପୁଣି ତାହାକୁ ସକ୍ରିୟ କରି ଭୋଟ ହାତେଇବାକୁ ଚେଷ୍ଟା କରିବେ ବୋଲି ନବରଙ୍ଗପୁର ବାସିନ୍ଦା ମତ ରଖିଛନ୍ତି। ଏନେଇ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କୁ ପଚାରିବାରୁ ୨୦୧୮ରୁ ଦେଢ଼ବର୍ଷ ଏସ୍‌ଡିଟିସି ଜିଲା ଅଧ୍ୟକ୍ଷ ଥିଲେ। ସେହି ସମୟରେ ରାଜ୍ୟ ସରକାର ଆଦିବାସୀ ସଂସ୍କୃତିର ବିକାଶ ପାଇଁ ପଦକ୍ଷେପ ନେଇଥିଲେ। ପରବର୍ତ୍ତୀ ସମୟରେ କରୋନା ମହାମାରୀ

**ଆଇଟିଡିଏ କାର୍ଯ୍ୟାଳୟରେ ଖତ ଖାଉଛି ଫାଇଲ, ଅନ୍ୟ ସାମଗ୍ରୀ**

ଆସିଗଲା। ଏବେ ପୁଣି ଏହା କାର୍ଯ୍ୟକାରୀ ହେବ ବୋଲି ଶୁଣାଯାଉଛି ବୋଲି ସେ କହିଛନ୍ତି। ଏହା କିନ୍ତୁ ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରେ। ସରକାରଙ୍କ ଏହା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଥିଲା। ପୁଣି କାର୍ଯ୍ୟକାରୀ ହେଲେ ଆଦିବାସୀ ସଂସ୍କୃତିର ବିକାଶ ହେବ ବୋଲି ସେ କହିଛନ୍ତି। ସରକାର ଏହି ଯୋଜନା ବନ୍ଦ କରିଦେଇଛନ୍ତି। ୨୦୨୪ ନିର୍ବାଚନ ଆସିଲେ ପୁଣି ଆଦିବାସୀଙ୍କୁ ଭୁଆଁ ବୁଲାଇ କାର୍ଯ୍ୟକ୍ରମ ଆରମ୍ଭ କରିବେ। ଛୋଟ ପିଲାଙ୍କୁ ଲଲିପପ୍ ଦେଲାଭଳି ରାଜ୍ୟ ସରକାର ଠକି ଚାଲିଛନ୍ତି। ଆଦିବାସୀ ଭଉଣୀ ଭାଇଙ୍କୁ ନେଇ ରାଜ୍ୟ ସରକାର ଖେଳନ୍ତୁ ନାହିଁ। ସମସ୍ତେ ସଚେତନ ହୁଅନ୍ତୁ। ୨୦୨୪ ନିର୍ବାଚନରେ ଜିଲାର ଆଦିବାସୀ ଭଉଣୀମାନେ ଏହାର ଜବାବ ନିଶ୍ଚିତ ଦେବେ ବୋଲି କଂଗ୍ରେସ ଜିଲା କୃଷକ ନେତା ବୃନ୍ଦାବନ ତ୍ରିପାଠୀ କହିଛନ୍ତି। ଆଖଡ଼ା ଘର, ଦେଉଳ, ମନ୍ଦିର, ଗୁଡି ଓ କ୍ଲବଗୁଡିକର ଉନ୍ନତୀକରଣ କରାଯାଉଥିଲା। ଆଦିବାସୀ କଳା ସଙ୍ଗଠନଗୁଡ଼ିକୁ ନାଟ୍ୟ ପୋଷାକ, ବାଦ୍ୟ ଯନ୍ତ୍ର ଆଦି ଯୋଗାଇ ଦିଆଯାଇଛି। ୨୦୧୯ ପରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବନ୍ଦ କରି ଦିଆଗଲା। କରୋନା କଟକଣା ଆଉ ନାହିଁ। ୨୦୨୨ ଶେଷ ହେବାକୁ ବସିଲାଣି, ଏବେ କୌଣସି ସମସ୍ୟା ନାହିଁ। ରାଜ୍ୟ ସରକାର ଏବେ ଯଦି ତାହାକୁ ଆରମ୍ଭ କରିବାକୁ ଯୋଜନା ରଖିଛନ୍ତି ଏହା ୨୦୨୪ ନିର୍ବାଚନ ପାଇଁ ଭୋଟ ରାଜନୀତି କୁହାଯାଇପାରେ ବୋଲି ଜିଲାର ବରିଷ୍ଠ କଳାକାର ଦେବଦାସ ମହାକୁଡ଼ କହିଛନ୍ତି।

## ନୂତନ ମେଡିକାଲ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପାପଡ଼ାହାଣ୍ଡି/ ମୈଦଲପୁର, ୨୪।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁରରେ ଶନିବାର ନୂତନ ମେଡିକାଲ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି ଏବଂ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଯୋଗଦେଇଥିଲେ। ମୈଦଲପୁର ଥାନା ପ୍ରାଙ୍ଗଣରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା।

ମୈଦଲପୁର କଲେଜ ପାଇଁ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ, ହାଇସ୍କୁଲର ରୂପାନ୍ତରୀକରଣ ଓ ନୂତନ ମେଡିକାଲ ଗୃହ ନିର୍ମାଣ ଲାଗି ୯୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଡାବୁଗାଁ ବିଧାୟକ ରନ୍ଧାରୀ କହିଛନ୍ତି। ବହୁ ବର୍ଷ ଧରି ଅଧାଗଡ଼ା ଥିବା ଜଗନ୍ନାଥ ମନ୍ଦିରର କାର୍ଯ୍ୟ ଶେଷ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କ ସହଯୋଗ ବିନା ଅଞ୍ଚଳର ବିକାଶ ହୋଇପାରିବ ନାହିଁ ବୋଲି ଏମ୍‌ପି ମାଝି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଉପସଭାପତି ସ୍ୱାଧୀନ ପଟ୍ଟନାୟକ, ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକ, ଏମ୍‌ପିଙ୍କ ଡାବୁଗାଁ ବ୍ଲକ ପ୍ରତିନିଧି ଆପି. ରାଓ, ବିଧାୟକଙ୍କ ପାପଡ଼ାହାଣ୍ଡି ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ଅଗ୍ରୱାଲ, ପରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡପରେ ଲାଗିବ ସିସି କ୍ୟାମେରା, କୃତ୍ରିମ ପୋଖରୀରେ ବିସର୍ଜନ

ଉମରକୋଟ, ୨୪।୯(ସ୍ୱ.ପ୍ର.)

ଚଳିତ ବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ନେଇ ପ୍ରଶାସନ, ପୋଲିସ ଓ ପୂଜା କମିଟି ସଭ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଉମରକୋଟ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂଜା ସମୟରେ ଆଇନ ଶୃଙ୍ଖଳା ବଜାୟ ରହିବା ସହ ଲୋକେ ଯେପରି ମା'ଙ୍କ ଦର୍ଶନ ସୁରୁଖୁରୁରେ କରିପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ସହରରେ ଟ୍ରାଫିକ ବ୍ୟବସ୍ଥା, ମଣ୍ଡପରେ ଶାନ୍ତିଶୃଙ୍ଖଳାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ବିସର୍ଜନରେ ଏନ୍‌ଜିଟି ନିୟମ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଚଳିତ ବର୍ଷ ସହରର ୮ଟି ଓ ପଞ୍ଚାୟତଗୁଡିକରେ ୧୬ ମଣ୍ଡପରେ ପୂଜା ହେଉଛି। ମଣ୍ଡପଗୁଡ଼ିକୁରେ ବ୍ଲିଚିଂ, ଫିନାଇଲ, ମଶାତେଲ ପକାଇବା ସହ ପ୍ରତିଦିନ ସଫା କରାଯିବ ବୋଲି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ବୈଠକରେ ସୂଚନା ଦେଇଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ, ୧୨ ଅଫିସର, ୨୪ ଜଣ ହାବିଲଦାର ଓ କନଷ୍ଟେବଲ, ୨୪ ହୋମଗାର୍ଡ ମୁତୟନ କରାଯିବ ବୋଲି ଥାନାଧିକାରୀ ଦୀପକ ଜେନା ସୂଚନା


ବୈଠକରେ ଅଧିକାରୀ, ଲୋକ ପ୍ରତିନିଧି, ପୂଜା କମିଟି ସଦସ୍ୟମାନେ।

ଦେଇଛନ୍ତି। ପୋଲିସକୁ ସହଯୋଗ କରିବା ପାଇଁ ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର ସମସ୍ତ କମିଟି ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ସହର ଦେଇ ସନ୍ଧ୍ୟା ୬ରୁ ରାତି ୧୧ ଯାଏ ମାଲ୍‌ବାହୀ ଗାଡ଼ିର ସହରରେ ପ୍ରବେଶ ନିଷେଧ ବୋଲି ବୈଠକରେ ସ୍ଥିର ହୋଇଛି। ପ୍ରତ୍ୟେକ ପୂଜାମଣ୍ଡପରେ ସିସି କ୍ୟାମେରା ଲଗାଇବାକୁ ଏସ୍‌ଡିପିଓ କମିଟିଗୁଡିକୁ ଅନୁରୋଧ କରିଛନ୍ତି। ପୂଜା ମଣ୍ଡପ ସଦସ୍ୟଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇ ବିଭିନ୍ନ ବିଷୟରେ ଅନୁଧ୍ୟାନ କରାଯିବ ବୋଲି ତହସିଲଦାର ଏନ୍. ଜଗଜୀବନ ଚୌଧୁରୀ କହିଛନ୍ତି। ପ୍ରତ୍ୟେକ ମଣ୍ଡପରେ କେତେଜଣ ସ୍ୱେଚ୍ଛାସେବୀ ନିୟୋଜିତ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ହିନ୍ଦୁ ସଂସ୍କୃତିକୁ ଆଘାତ ନ ଦେବାଭଳି ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ଥାନାଧିକାରୀ ଅନୁରୋଧ କରିଛନ୍ତି। ବିସର୍ଜନ କୌଣସି ସର୍ବସାଧାରଣ ପୋଖରୀ ବା ନଦୀରେ ନ କରି ପରିଷଦ ପକ୍ଷରୁ ନିର୍ମିତ କୃତ୍ରିମ ପୋଖରୀରେ କରିବାକୁ କୁହାଯାଇଛି। ବିଜୁ ପଟ୍ଟନାୟକ ଷ୍ଟାଡିୟମ ଓ ରାଇଘର ରାସ୍ତାରେ ଅସ୍ଥାୟୀ ପୋଖରୀ ଖନନ କରାଯିବ। ଏହି ବୈଠକରେ ଉମରକୋଟ ପୌରାଧ୍ୟକ୍ଷା ରାଧା ଭଦ୍ରା, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପୂଜା କମିଟି ପକ୍ଷରୁ ଟୁଲୁ ସାହୁ, ପେଣ୍ଡ୍ରା ରାଓ, ଅରବିନ୍ଦ ଗୁପ୍ତା, ତପନ ଦାସ, ବସନ୍ତ ପାତ୍ର, ଯୁବରାଜ ସିଂ, ସାଗର ଅଗ୍ରୱାଲ, ଏମ୍.ରଞ୍ଜିତ କୁମାର, ନାରାୟଣ ପାଣିଗ୍ରାହୀ, ଲଳିତ ସେଠୀ, ମୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗବନ୍ଧୁ ମାଝି, ପିଙ୍କୁ ପାତ୍ରଙ୍କ ଶ୍ରାଦ୍ଧ ଦିବସ

ଉମରକୋଟ/ରାଇଘର/ କୋଷାଗୁମୁଡ଼ା, ୨୪।୯(ସ୍ୱ.ପ୍ର./ଡି.ଏନ୍.ଏ.)

ଉମରକୋଟ ପୂର୍ବତନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝି ଓ ତାଙ୍କ ଅଙ୍ଗରକ୍ଷୀ ସ୍ୱର୍ଗତ ପ୍ରଶାନ୍ତ ପାତ୍ର (ପିଙ୍କୁ)ଙ୍କ ଶ୍ରାଦ୍ଧ ଦିବସ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ଝରିଗାଁ ରାସ୍ତାରେ ଅବସ୍ଥିତ ବିଧାୟକଙ୍କ ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉମରକୋଟର କୁସୁମଗୁଡାରେ ଏକ ସ୍ମୃତିସଭା କରାଯାଇଥିଲା। ଅତିଥି ଭାବେ ସ୍ୱର୍ଗତ ମାଝିଙ୍କ ପରିବାର ସଦସ୍ୟ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ରାଇଘର ବ୍ଲକ ଅଧ୍ୟକ୍ଷା ତଥା ରାଜ୍ୟ ବିଜେଡି ସମ୍ପାଦିକା ନବୀନା ନାୟକ, ଉମରକୋଟ ପୌରାଧ୍ୟକ୍ଷା ରାଧା ଭଦ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବିଜେଡି ନେତା କୈଳାସ ନାୟକ, ସନ୍ତୋଷ ପରିଛା,କାଉନସିଲରମାନେ ଉପସ୍ଥିତ ଥିଲେ। ରାଇଘର ବ୍ଲକ ଗୋନାଠାରେ ଜଗବନ୍ଧୁ ମାଝିଙ୍କ ସ୍ମୃତି ଦିବସ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବରୋଇ, ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ୨ ନମ୍ବର ଜିଲା ପରିଷଦ ସଭ୍ୟ ନାନାରା ଖରା, ୪ ନମ୍ବର ଜିଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନ, ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ରାଇଘର ବ୍ଲକ ବିଜେଡି ସଭାପତି ରାଇସିଂ ଗଣ୍ଡ, ରାଜ୍ୟ ଛାତ୍ର ବିଜୁ ଜନତା ଦଳ ସମ୍ପାଦକ ସୁମିତ ପୂଜାରୀ, ରାଇଘର ସରପଞ୍ଚ ଲମ୍ବୋଧର ମାଝି ପ୍ରମୁଖ ଉପସ୍ଥିତ ଥିଲେ। କୋଷାଗୁମୁଡ଼ା ବସ୍‌ଷ୍ଟାଣ୍ଡରେ ଥିବା ପିଙ୍କୁ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ଭଦ୍ର ବ୍ୟକ୍ତି ଗଣ, ସ୍ଥାନୀୟ ପୋଲିସ, ଘରୋଇ ମଟର ୟୁନିୟନ, ଓ ବାପା କାହ୍ନୁପାତ୍ର ଓ ତାଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୨୦୧୧ ସେପ୍ଟେମ୍ବର ୨୪ରେ ରାଇଘର ବ୍ଲକ ଗୋନା ହାଟପଦାରେ ଏକ ସଭା ଚାଲିଥିବାବେଳେ ଆତତାୟୀ ବିଧାୟକ ଜଗବନ୍ଧୁ ଓ ତାଙ୍କ ଅଙ୍ଗରକ୍ଷୀ ପିଣ୍ଟୁଙ୍କ ଉପରେ ଗୁଳିମାଡ଼ କରିଥିଲେ। ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଥିଲା।

## ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ


ଶିବିରରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର, ୨୪।୯ (ବି.ପ୍ର.)

ନବରଙ୍ଗପୁର ବ୍ଲକ ଅଧୀନ ତାରାଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ସହାୟତାରେ ଜୁନିୟର ରେଡ୍‌କ୍ରସ ସୋସାଇଟି(ଜେଆର୍‌ସି)ର ୩ ଦିନିଆ ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଶିବିରରେ ନବରଙ୍ଗପୁର, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଜିଲାରୁ ମୋଟ୍ ୨୪ ଜଣ ପରାମର୍ଶଦାତା ଯୋଗଦେଇଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ରେଡ୍‌କ୍ରସ ସମ୍ପାଦକ ବିଭାଶିଷ ଦେ, ପ୍ରଧାନ ଶିକ୍ଷକ ହରେଶ ଚନ୍ଦ୍ର ମହାନ୍ତି ଏବଂ ପ୍ରଶିକ୍ଷକ ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ଜିଲା କନିଷ୍ଠ ରେଡ୍‌କ୍ରସ ଅଧିକାରୀ ନାରାୟଣ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ। ପରାମର୍ଶଦାତା ପଞ୍ଚାନନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳନ

କୋଡ଼ିଙ୍ଗା,୨୪।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ରାଜଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। କୋଡ଼ିଙ୍ଗା ତହସିଲଦାର ଶିବପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଅମିତା ରାୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିବେକ କୁମାର ମହାଳିକ, ଅଖିଳ କୁମାର ଭଞ୍ଜ, ଦାମୋଦର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ. ରବି ନାରାୟଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସ୍ଥାନୀୟ ଲୋକଙ୍କର ସମସ୍ୟା ସମାଧାନ କରିପାରିଲେ କାର୍ଯ୍ୟକ୍ରମ ସଫଳ ହେବ ବୋଲି ମୁଖ୍ୟ ଅତିଥି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଡାକ୍ତରଖାନା କର୍ମଚାରୀଙ୍କୁ ମିଳିନି ୫ ମାସର ଦରମା

ଚନ୍ଦାହାଣ୍ଡି, ୨୪।୯(ଡି.ଏନ୍.ଏ.)

**ଆସୁନାହାନ୍ତି କିରାଣି**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୀରାଣୀ କିଶୋରୀ ଲାଲ ବିହାରୀ ଦୀର୍ଘ ଦିନ ହେବ ନିଜ କାମରେ ଯୋଗ ଦେଉ ନାହାନ୍ତି। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର, ସ୍ୱାସ୍ଥ୍ୟାଧିକାରୀମାନେ ଦରମା, ଇପିଏଫ୍ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟ ବିଲ ଭାଉଚର କାମ ହୋଇପାରୁନି। ଠିକଣା ସମୟରେ ଦରମା ବିଲ୍ ଜିଲା ମୁଖ୍ୟାଳୟକୁ ପଠା ଯାଉ ନ ଥିବା ରୁ ୫ମାସ ହେବ ଡାକ୍ତରଖାନା କର୍ମଚାରୀ ଏବଂ ଅଧିକାରୀମାନେ ଦରମା ପାଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। କିରାଣୀ କିଶୋରୀ ଲାଲ ବିହାରୀ ନିଜ ମୋବାଇଲ ବନ୍ଦ କରି ରଖିଥିବାରୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏବଂ ଡାକ୍ତରମାନେ ତାଙ୍କ ସହ ଯୋଗା ଯୋଗ କରିପାରୁ ନ ଥିବା ଚନ୍ଦାହାଣ୍ଡି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସନ୍ଦିପ କୁମାର ଶତପଥୀ ପ୍ରକାଶ କରିଛନ୍ତି। କିରାଣୀଙ୍କ ଅନୁପସ୍ଥିତ ଯୋଗୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ହଇରାଣ ହେଉଛନ୍ତି। ଏ ଦିଗରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଦାବି କରିଛନ୍ତି।

## ଡିଇଓଙ୍କୁ ବ୍ଲକ୍ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ସଂଘର ଦାବିପତ୍ର

ନବରଙ୍ଗପୁର,୨୪।୯(ବି.ପ୍ର.)

ଛୁଟି ଗଡ଼େଇ ଗଡ଼େଇ କାର୍ଯ୍ୟରେ ଯୋଗଦେଉ ନ ଥିବା ଶିକ୍ଷୟିତ୍ରୀଙ୍କୁ ଦରମା ମିଳୁଥିବାବେଳେ ନିୟମିତ କାମ କରୁଥିବା ଶିକ୍ଷକଙ୍କୁ ଦରମା ମିଳୁନାହିଁ। ଏପରି ଅଭିଯୋଗ କରି ନବରଙ୍ଗପୁର ଜିଲା ମାଧ୍ୟମିକ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ସଂଘ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ଭେଟିଛି। ସଂଘର ସମସ୍ୟା ନେଇ ଡିଇଓଙ୍କ ସହ ଆଲୋଚନା କରିବା ସହ ଏକ ଦାବିପତ୍ର ତାଙ୍କୁ ପ୍ରଦାନ କରାଯାଇଛି।

ଦରମା ପାଇଁ ସ୍ୱତନ୍ତ୍ର ବିଭାଗ କରାଯାଉ ନାହିଁ। ଏଥିପାଇଁ ନିୟମିତ ଦରମା ପାଇବାରୁ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ବଞ୍ଚିତ ହେଉଛନ୍ତି। ଶିକ୍ଷକଙ୍କ ଦରମା କେଉଁ ଆକାଉଣ୍ଟକୁ ଯାଉଛି ତାହା ଶିକ୍ଷକମାନେ ଜାଣିପାରୁନାହାନ୍ତି। ସରକାରଙ୍କ ଅନୁଦାନ ଅର୍ଥ ଆସୁଛି, ଠିକ୍ ସମୟରେ ତଥ୍ୟ ଦିଆଯାଉ ନାହିଁ। ଜିଲାର ୭ମୃତ ଶିକ୍ଷକଙ୍କୁ ସରକାରଙ୍କ ଅନୁକମ୍ପାମୂଳକ ରାଶି ଏବେ ଯାଏ ମିଳିନାହିଁ। ୩ ମାସ ଧରି ଦରମା ପ୍ରଦାନ କରାଯାଇନାହିଁ। ଜଣକ ଦରମା ଅନ୍ୟ ଜଣକ ଆକାଉଣ୍ଟରେ ପ୍ରଦାନ କରାଯାଉଛି। ବିଭାଗୀୟ ପ୍ରୋସେଡିଂ ଥିବା ଶିକ୍ଷକଙ୍କୁ କିଭଳି ପୂର୍ଣ୍ଣ ଦରମା ଦିଆଯାଉଛି ବୋଲି ସଂଘ ପ୍ରଶ୍ନ ଉଠାଇଛି। ୭ ପ୍ରତିଶତ ମହଙ୍ଗା ଭତ୍ତା ସେପ୍ଟେମ୍ବର ମାସରେ ଦରମା ସହ ପ୍ରଦାନ କରିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଂଘ ସାଧାରଣ ସମ୍ପାଦକ କାଶୀନାଥ ମହାନ୍ତି ଓ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ସଭାପତି ରାମଚନ୍ଦ୍ର ଦାଶ, ଉପସଭାପତି ବିଭୂତି ଭୂଷଣ ବରାଳ, ଅଜୟ କୁମାର ପଲେଇ, ବିନୋଦ ବିହାରୀ ସାମଲ, ଦିଗାମ୍ବର ରାଉତ, ସିତାଂଶୁ ଶେଖର ବେହେରା, ସଞ୍ଜୟ ଦାଶ, ସୀମାଞ୍ଚଳ ଖୁରା, ଭୂପତି ଭୂଷଣ ପଟ୍ଟନାୟକ, ମନୋଜ ଜେନା, ଇନ୍ଦିରା ପଟ୍ଟନାୟକଙ୍କ ସମେତ ଜିଲାର ବିଭିନ୍ନ ନୂତନ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘର ଦାବି ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଡିଇଓ କହିଛନ୍ତି। ଭାରସୁଣ୍ଡି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ, ରାଇଘର ଅଲେଖ ମହିମା ହାଇସ୍କୁଲର ଶିକ୍ଷକ ପ୍ରହଲ୍ଲାଦ ବେହେରାଙ୍କୁ ଜୁନ୍ ମାସରେ ଦରମା ପ୍ରଦାନ କରାଯାଇ ନାହିଁ। ସେହିଭଳି ତେନ୍ତୁଳିଖୁଣ୍ଟି ବାଳିକା ଉଚ୍ଚ ବିଦ୍ୟାଳୟର ପିଅନ ନିୟମିତ ଡ୍ୟୁଟି କରି ଆସୁଥିଲେ ମଧ୍ୟ ଅଧା ଦରମା ପ୍ରଦାନ କ'ଣ ପାଇଁ ଦିଆଯାଉଛି ପଚାରିବାରୁ ଯଦି କିଛି ଭୁଲ୍ ଭଟକା ଥିବ ତାହା ସଂଶୋଧନ କରାଯାଇ ସମାଧାନ କରାଯିବ ବୋଲି କହିଛନ୍ତି।


ଡିଇଓ ପ୍ରଦୀପ ନାଗ ଦାବିପତ୍ର ଗ୍ରହଣ କରୁଛନ୍ତି।

## ସୁଧୁରିପାରୁନି ଖାତିଗୁଡ଼ା ପ୍ରକଳ୍ପ ଡାକ୍ତରଖାନା ଅବସ୍ଥା

ତେନ୍ତୁଳିଖୁଣ୍ଟି, ୨୪।୯(ଡି.ଏନ୍.ଏ.)

■ ମିଳୁଛି ପ୍ରତିଶ୍ରୁତି, କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ
■ ଆନ୍ଦୋଳନ କଲେହିଁ ସମସ୍ୟା ସୁଧୁରିବ ବୋଲି କହିଲେ ଭାଜପା, କଂଗ୍ରେସ ନେତା

ସୁଧୁରିପାରୁନି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ପ୍ରକଳ୍ପ ଡାକ୍ତରଖାନା ଅବସ୍ଥା। ଜିଲା ସ୍ୱାସ୍ଥ୍ୟ ବିଭାଗ ସେଠାରେ ଡାକ୍ତରଙ୍କୁ ଡେପୁଟେଶନରେ ପଠାଇଥିଲେ। ଦୁଇଟି ସିଫ୍ଟରେ ରୋଗୀ ଦେଖାଚାଲିଛି। ରାତିରେ ଡାକ୍ତର, ଷ୍ଟାଫ୍, ଏଏନ୍‌ଏମ୍ ଓ ଆଟେଣ୍ଡାଣ୍ଟ ନ ଥିବାରୁ ରୋଗୀଙ୍କୁ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାକୁ ପଠାଯାଉଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଡାକ୍ତରଖାନା ପରିଦର୍ଶନ କରି ଡାକ୍ତରଙ୍କ ସହ ଆଲୋଚନା କରି ଫେରିଛନ୍ତି। ପାଣି, ପରିମଳ, ଅତ୍ୟାବଶ୍ୟକ ପାଣ୍ଠି ବିଷୟରେ ଆଲୋଚନା କରି ସମାଧାନର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। ଇନ୍ଦ୍ରାବତୀ ପ୍ରକଳ୍ପ ମେଡିକାଲର ପୂର୍ବ ଗୌରବ ଫେରାଇବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ପ୍ରୟାସ ନ କଲେ ପାର୍ବଣ ପରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପିସିସି ସଭ୍ୟ ଦିଲ୍ଲୀପ ପ୍ରଧାନୀ କହିଛନ୍ତି। ଆନ୍ଦୋଳନ ଦ୍ୱାରା ହିଁ ଡାକ୍ତରଖାନା ସମସ୍ୟା ସମାଧାନ ହୋଇପାରିବ ବୋଲି ଭାଜପା ଯୁବ ମୋର୍ଚ୍ଚା ଉପସଭାପତି ରିତେଶ ଭଞ୍ଜ କହିଛନ୍ତି।

ସିଡିଏମ୍‌ଓ ଡାକ୍ତର କାଳୀ ପ୍ରସାଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ୮ ତାରିଖରେ ୨ ଜଣ ଡାକ୍ତର, ଜଣେ ଏଏନ୍‌ଏମ୍, ଜଣେ ଲାବ୍ ଟେକ୍ନିସିଆନ ଡାକ୍ତରଖାନାରେ ଯୋଗ ଦେଇଥିଲେ। ଉକ୍ତ ଦିନ ଏଡିଏମ୍‌ଓ ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରା ଓ ଡିପିଏମ୍ ସୁଶାନ୍ତ ପ୍ରହରାଜ ମେଡିକାଲ ଆସି ସ୍ଥିତି ପରଖିଥିଲେ। ଡାକ୍ତରଖାନାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଆବଶ୍ୟକ ଜିନିଷ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପ୍ରକଳ୍ପ ହସ୍ପିଟାଲ ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ଆସିବା




ପରେ ସ୍ଥାୟୀ ସୁଧାର ହୋଇପାରିବ ବୋଲି କହିଥିଲେ। ସିଡିଏମ୍‌ଓଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଡାକ୍ତରଖାନାରେ ଜଣେ ଡାକ୍ତର, ଜଣେ ଷ୍ଟାଫ ନର୍ସ, ଜଣେ ଆଟେଣ୍ଡାଣ୍ଟ ଯୋଗ ଦେଇନାହାନ୍ତି। ୧୨ ସେପ୍ଟେମ୍ବରରେ ପୁଣି ଏଡିଏମ୍‌ଓ ଡାକ୍ତର ସୁକାନ୍ତ ଶତପଥୀ ମେଡିକାଲ ଆସିଥିଲେ। ମେଡିକାଲରେ ୨୪ ଘଣ୍ଟା ରୋଗୀଙ୍କୁ ସେବା ଯୋଗାଇବା ପାଇଁ କ'ଣ କ'ଣ ଆବଶ୍ୟକ ସେ ସମ୍ପର୍କରେ ଆସିଷ୍ଟାଣ୍ଟ ଦିଲ୍ଲୀପ ସାହୁଙ୍କୁ ପଚାରି ବୁଝିଥିଲେ। ତିନି ପର୍ଯ୍ୟାୟରେ ଆଠ ଘଣ୍ଟା ଲେଖାଏ ସେବା ଯୋଗାଇବାକୁ ତିନି ଜଣ ଡାକ୍ତର, ତିନି ଜଣ ଲେଖାଏ ଷ୍ଟାଫ ନର୍ସ ଓ ଏଏନ୍‌ଏମ୍ ତଥା ଆଟେଣ୍ଡାଣ୍ଟଙ୍କ ଆବଶ୍ୟକତା ରହିଛି ବୋଲି କୁହାଯାଇଥିଲା। ଡାକ୍ତରଖାନାକୁ ପରିମଳ ରଖିବା ପାଇଁ ସବୁ ଯୋଗାଇ ଦିଆଯିବ ବୋଲି ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସମଲାଇ ପ୍ରସାଦ ପଣ୍ଡାଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦେଲେ। ଏବେ ଡାକ୍ତରଖାନାକୁ ରୋଗୀ ଆସୁଛନ୍ତି। କେବଳ ଦୁଇଟି ସିଫ୍ଟ ହିଁ ରୋଗୀ ସେବା ପାଇ ପାରୁଛନ୍ତି। ରାତିରେ ଡାକ୍ତର, ନର୍ସ ଓ ଏଏନ୍‌ଏମ୍ ଓ ଆଟେଣ୍ଡାଣ୍ଟ ଅଭାବରୁ ରୋଗୀଙ୍କୁ ତେନ୍ତୁଳିଖୁଣ୍ଟି ଯିବାକୁ କୁହାଯାଉଛି। ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ଡାକ୍ତରଖାନା ୩୨ ଶଯ୍ୟା ବିଶିଷ୍ଟ ଥିଲା। ଅବିଭକ୍ତ କୋରାପୁଟରେ ଏହାର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଏହି ଡାକ୍ତରଖାନାର ପୂର୍ବ ପ୍ରତିଷ୍ଠା କାଏମ କରିବାକୁ ଦାବି ହେଉଛି। ଡାକ୍ତରଖାନାର ମୂଳ କର୍ମଚାରୀ ୨ଜଣ ଫାର୍ମାସିଷ୍ଟ ଓ ୩ଜଣ ଷ୍ଟାଫ ନର୍ସ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଡାକ୍ତରଖାନାକୁ ଡେପୁଟେଶନରେ ଯାଇ ଫେରିନାହାନ୍ତି। ଡାକ୍ତରଖାନା ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ନାବାଳକଙ୍କୁ କାବୁ କଲା ପୋଲିସ

ଜୟପୁର, ୨୪।୯ (ନି.ପ୍ର.)- କୋରପୁଟ ଜିଲା ପଟ୍ଟାଙ୍ଗୀ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଏଥିରେ ଜଣେ ନାବାଳକ ସମ୍ପୃକ୍ତ ଥିବା ଜାଣି ତାଙ୍କୁ କାବୁ କରି ଜୁଭେଲାଇନଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି। ଉଭୟ ପୀଡିତା ଓ ନାବାଳକଙ୍କ ଡାକ୍ତରି ମାଇନା କରାଯାଇଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ଦିବସ

ସୁନାବେଡା,୨୪।୯(ସ୍ୱ.ପ୍ର.)- ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ଦିବସ ଏନ୍ଏସ୍ଏସ୍ ପାଳିତ ହୋଇଛି। ଏଥିରେ କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ମଣିଷ ହେବା ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ଉଷାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରି ଛାତ୍ରୀମାନେ ଏନ୍ଏସ୍ଏସ୍ ଲକ୍ଷ୍ୟ ପୂରଣ ଲାଗି ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ପ୍ରୋଗ୍ରାମ ଅଫିସର ସରିତା ପରିଡା ସ୍ୱାଗତ ସୂଚନା ଦେଇ ଏନ୍ଏସ୍ଏସ୍ର ଲକ୍ଷ୍ୟ ଏବଂ ମହାବିଦ୍ୟାଳୟରେ ଏହାର କାର୍ଯ୍ୟକ୍ରମ



ସମ୍ପର୍କରେ ମତ ରଖିଥିଲେ। ୱାଇଆରସି କାଉନସିଲର ଶୁଭଶ୍ରୀ ପରିଡା ଧନ୍ୟବାଦ ଦେଇଥିଲେ। ଅଧାପକ ଡ. ବାସୁଦେବ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଜୟ ମା' କାଳୀ ଯୁବକ ସଂଘର ଚାରାରୋପଣ



ମାଲକାନଗିରି,୨୪।୯(ସ୍ୱ.ପ୍ର.)-ଲକାନଗିରି ସଦର ବ୍ଲକସ୍ଥିତ ଗୌଡ଼ଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଏମ୍ଭି-୧୧ ଗ୍ରାମ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଜୟ ମା' କାଳୀ ଯୁବକ ସଂଘ ପକ୍ଷରୁ ଚାରାରୋପଣ କରାଯାଇଛି। ସରପଞ୍ଚ ପାଣ୍ଡରି ପଡ଼ିଆମୀ, ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲ୍ଦାର, ଏମ୍ଭି-୧୧ ଗ୍ରାମର ପଲ୍ଲୀ ମଙ୍ଗଳ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ମାଲକାନଗିରି ବନାଞ୍ଚଳ ତରଫରୁ ବିଭିନ୍ନ କିସମର ୧୦୦ଟି ଚାରା ପ୍ରଦାନ କରାଯାଇଥିଲା। ଯୁବକସଂଘ ସଭାପତି ମଧୁସୂଦନ ବରୋଇ, ଉପସଭାପତି ଆଶୁତୋଷ ନସ୍କର, ସାଧାରଣ ସମ୍ପାଦକ ଅମିୟ ରାୟ, ସହ ସମ୍ପାଦକ ଜୟନ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ତୁଷାର ବାଲାଙ୍କ ସହ ଅନ୍ୟମାନେ ଚାରାରୋପଣରେ ସାମିଲ ହୋଇଥିଲେ।

### ବେଆଇନ ପଥର ଖନନ ଅଭିଯୋଗ

**୫ ଜେସିବି, ଗୋଟେ ଟ୍ରାକ୍ଟର ଜବତ**

ଚିତ୍ରକୋଣ୍ଡା, ୨୪।୯(ଡି.ଏନ.ଏ.)- ମାଲକାନଗିରି ଜଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ଜୋଡାମ୍ବ ପଞ୍ଚାୟତ ର ସିମିଳିପଦରଠାରେ ଚିତ୍ରକୋଣ୍ଡା ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବେ ପଥର ଖୋଳୁଥିବା ଅଭିଯୋଗରେ ୫ ଜେସିବି ମେଶିନ ଓ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି। ଏଥିସହ ଖୋଳାଯାଇ ଗଦା କରାଯାଇଥିବା ଚିପିସ ମଧ ଜବତ ହୋଇଛି। ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ନେତୃତ୍ୱରେ ତହସିଲର ଏକ ଟିମ୍ ସିମିଳିପଦରଠାରେ



ଚଢ଼ାଉ କରିଥିଲେ। ଜେସିବି ଓ ଟ୍ରାକ୍ଟରଠାରୁ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଜେସିବି ଓ ଟ୍ରାକ୍ଟର ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ଠିକାଦାର ପାଣ୍ଡୁ ରଙ୍ଗାଙ୍କର ବୋଲି ଜଣାପଡିଛି। ଚଢ଼ାଉରେ ତହସିଲଦାର ଦୋରାଙ୍କ ସହ ଆରଆଇ ସନ୍ତୋଷ ଗୌଡ଼, ରେଭିନ୍ୟୁ ଆସିଷ୍ଟାଣ୍ଟ ସୁରେନ୍ଦ୍ର ପଟ୍ଟନାୟକ, ଡିଇଓ ଶିବଶଙ୍କର ସାମିଲ ଥିଲେ।

# ଭୁଲ୍ ବ୍ଲଡ ଗ୍ରୁପ୍ ରିପୋର୍ଟ ନେଲା ଶିଶୁ କନ୍ୟା ଜୀବନ

ମାଲକାନଗିରି,୨୪।୯(ସ୍ୱ.ପ୍ର.)

ଭୁଲ୍ ବ୍ଲଡ ଗ୍ରୁପ ନିର୍ଦ୍ଧାରଣ ଯୋଗୁ ଜଣେ ପୋଷ୍ୟ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡିବା ପରେ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି। ସମ୍ପୃକ୍ତ ଶିଶୁକନ୍ୟାଙ୍କ ବ୍ଲଡଗ୍ରୁପର ଭୁଲ୍ ରିପୋର୍ଟ ଦେଇଥିବାରୁ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହେଉଛି। ଖବରରୁ ଜଣାପଡିଛି, ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଏକ ଗ୍ରାମରେ ବାପାଙ୍କ ମୃତ୍ୟୁ ପରେ ମା' ଅନ୍ୟତ୍ର ବିବାହ କରି ଚାଲିଯାଇଥିଲେ। ପରିତ୍ୟକ୍ତ ଅବସ୍ଥାରେ ଏକ ପିଣ୍ଡାରେ ଶିଶୁକନ୍ୟାଟି ପଡି ରହିଥିବା ଖବର ପାଇ ଜିଲା ଶିଶୁ ମଙ୍ଗଳ କମିଟି ଗତ ଜୁଲାଇ ୧୮ରେ ତାକୁ ଉଦ୍ଧାର କରିଥିଲେ। ଶିଶୁଟିର ମା' ତାକୁ ନିଜ ପାଖରେ ରଖିବାକୁ ଇଚ୍ଛା ପ୍ରକାଶ ନ କରିବାରୁ ଶିଶୁ ମଙ୍ଗଳ କମିଟି ଶିଶୁକନ୍ୟାକୁ ରଖିଥିଲେ। ପରେ ତାର ରକ୍ଷଣାବେକ୍ଷଣା ପାଇଁ ମାଲକାନଗିରି ସଦର ମହକୁମାସ୍ଥିତ ପୋଷ୍ୟ ସନ୍ତାନ ଗୃହକୁ କମିଟି ପଠାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଶିଶୁଟି ପୋଷଣର ଶିକାର ହେବାରୁ ଶିଶୁ ମଙ୍ଗଳ କମିଟି ଅଧକ୍ଷ ଅଶୋକ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମହିଳା ସଦସ୍ୟ ଚୁମୁକି ବେହେରା ଓ ସଦସ୍ୟ ସୁନାକର ପାଳ ଗତ ୧୯।୭।୨୨ରେ ତାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଠାରେ ଶିଶୁ କନ୍ୟାର ରକ୍ତ ଆବଶ୍ୟକ ହେବାରୁ ପରୀକ୍ଷା କରାଯାଇ ଏବି ପଜେଟିଭି ଗ୍ରୁପର ରକ୍ତ ୫ ବୋତଲ ପ୍ରଦାନ କରାଯାଇଥିଲା। ପରେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ତାକୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାଏକ ମେଡ଼ିକାଲ କଲେଜକୁ ୨୭।୭।୨୨ରେ ପଠାଯାଇଥିଲା। ସେଠାରେ ମଧ ଏକ ବୋତଲ ରକ୍ତ ପ୍ରଦାନ କରାଯାଇଥିଲା। ସେଠାରେ ଶିଶୁକନ୍ୟାଟିର ଅବସ୍ଥାରେ ସୁଧାର ନ ଆସିବାକୁ ବ୍ରହ୍ମପୁର ମେଡିକାଲ କଲେଜକୁ ୩୦।୭।୨୨ରେ ପଠାଯାଇଥିଲା। ସେଠାରେ ଦୁଇ ତିନି ଘଣ୍ଟା ଚିକିତ୍ସା ପରେ କଟକ ଶିଶୁ ଭବନ ମେଡିକାଲକୁ ମେଡିକାଲ କର୍ତ୍ତୃପକ୍ଷ ପଠାଇଥିଲେ। କଟକ ଶିଶୁ ଭବନରେ ସେବେଠାରୁ ଶିଶୁକନ୍ୟାର ଚିକିତ୍ସା କରାଯାଉଥିଲା। ଦୀର୍ଘ ଏକ ମାସ ପରେ ଶିଶୁକନ୍ୟାଟି ୧୭।୮।୨୨ରେ ଶିଶୁ ଭବନରେ ମୃତ୍ୟୁବରଣ କରିଥିଲା। ତେବେ ଶିଶୁ ମଙ୍ଗଳ କମିଟି ଅଧକ୍ଷ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, କଟକ ଶିଶୁ ଭବନରେ ତାର ବ୍ଲଡ଼ ଗ୍ରୁପ 'ଓ' ପଜେଟିଭି ଥିବା ପରୀକ୍ଷାରୁ ଜଣାପଡିଥିଲା। ଶିଶୁ ଭବନରେ ତାକୁ ୨ ବୋତଲ 'ଓ' ପଜେଟିଭି ରକ୍ତ ସହ ୦ ପୋଜେଟିଭି ପ୍ଲାଜ୍ମା ପ୍ରଦାନ କରାଯାଇଥିଲା। ମାଲକାନଗିରିରେ ଭୁଲ ବ୍ଲଡ଼ ରିପୋର୍ଟ ଯୋଗୁ ଶିଶୁକନ୍ୟାଟିର ଜୀବନ ଗଲା ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ୨୨।୯/୨୨ରେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ପଟ୍ଟନାୟକ ମାଲକାନଗିରି ଅତିରିକ୍ତ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି। ସୂଚନାଯୋଗ୍ୟ, ଶିଶୁକନ୍ୟାର ମୃତ୍ୟୁ ପରେ ଏକ ଅପମୃତ୍ୟୁ ମାମଲା କଟକ ଲାଲବାଗ ଥାନାରେ ରୁଜୁ ହୋଇଛି।



କୃଷି କ୍ଷେତ୍ରରେ ବ୍ୟବହାର ପାଇଁ ଅତିଥିଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବା କୃଷି ଡ୍ରୋନ।

# ଆରମ୍ଭ ହେବ କୃଷି ଡ୍ରୋନ୍ର ବ୍ୟବହାର

**ଓଡ଼ିଶାରେ ପ୍ରଥମ**

ଜୟପୁର,୨୪।୯ (ନି.ପ୍ର.)

ଅଳ୍ପ ସମୟରେ ଏକର ଏକର ଜମି କୁ କିପରି କୃଷି ସାର ଓ ଅନ୍ୟ ରାସାୟନିକ କୀଟ ସାର ସିଞ୍ଚନ କରାଯାଇ ପାରିବ ନେଇ ଓଡିଶାରେ ପ୍ରଥମ ଥର ପାଇଁ କୃଷି କ୍ଷେତ୍ରରେ କୃଷି ଡ୍ରୋନର ବ୍ୟବହାର ଆରମ୍ଭ ହୋଇଛି। ଏଥିପାଇଁ ନାବାର୍ଡ ପାଟେଣେଶ୍ୱରୀ ଚାଷୀ ସମବାୟ ସମିତିକୁ ଚାଷୀମାନଙ୍କ ସହାୟତା ଲାଗି ଏକ କୃଷି ଡ୍ରୋନ ପ୍ରଦାନ କରିଛି। ଏହାର ବଜାର ମୂଲ୍ୟ ୫ ଲକ୍ଷ ୧୪ ହଜାର ୫୦୦ ଟଙ୍କା ରହିଛି। ଏହାକୁ କୋରାପୁଟ ଜିଲାର ସୁବୋଇଠାରେ ଭୁବନେଶ୍ୱର ନାବାଡ ମୁଖ୍ୟ ସି. ଉଦୟ ଭାସ୍କର ଉଦ୍ଘାଟନ କରିଛନ୍ତି। ପର୍ଯ୍ୟାୟକ୍ରମେ କୋରାପୁଟ ଜିଲାର ପ୍ରାୟ ସମସ୍ତ ଚାଷୀଙ୍କ ନିକଟରେ ଏହି ଡ୍ରୋନ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି ପାଟେଣେଶ୍ୱରୀ ଚାଷୀ ସମବାୟ ସମିତି କର୍ମକର୍ତ୍ତା। ଉଦଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ନାବାର୍ଡର ଡି.ଡି.ମ ଏମ୍ଏମ୍ ବେହେରା, ଇଫକୋର ସହାୟକ ଉପ ପ୍ରବନ୍ଧକ ବିଶ୍ୱ ରଞ୍ଜନ ଜୟସିଂହ, ନାବାର୍ଡ ମ୍ୟାନେଜର ଶରତ ବାବୁ, ପାଟେଣେଶ୍ୱରୀ ଚାଷୀ ସମବାୟ ସମିତିର ସିଇଓ ରାଜେଶ ପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭାଷା, ଦକ୍ଷତା ବିକାଶ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ

କୋରାପୁଟ,୨୪।୯(ସ୍ୱ.ପ୍ର.)

କୋରାପୁଟ ଜିଲାର ସୁନାବେଡା ଉଚ୍ଚ ବିଦ୍ୟାଳୟ ପରିସରରେ ଭାଷା, ଦକ୍ଷତା ବିକାଶ ନେଇ ୩ ଦିନ ବ୍ୟାପୀ ଚାଲିଥିବା ପ୍ରଶିକ୍ଷଣ ଶିବିର ଶନିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଜିଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଏହା ଦ୍ୱାରା ପ୍ରାଥମିକ ସ୍ତରରେ ରହିଥିବା ଛାତ୍ରୀଛାତ୍ରଙ୍କ ଭାଷା ଓ ଦକ୍ଷତାର ବିକାଶ ଘଟିବ ବୋଲି କହିଥିଲେ। ଏଥିରେ ୨୩୦ ଜଣ ପ୍ରାଥମିକ ଗ୍ରେଡର ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଜିଲା ମଙ୍ଗଳ ବିଭାଗ ଓ ପ୍ରଥମ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ ହୋଇଥିଲା। ଜିଲାର ସୁନାବେଡା ଉଚ୍ଚ ବିଦ୍ୟାଳୟ, ହରିଡାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ପୋଡାଗଡ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇ ସଂପୃକ୍ତ ଅଞ୍ଚଳରେ ଥିବା ବିଭିନ୍ନ ସେବାଶ୍ରମ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

# ନାରାୟଣପାଟଣାରେ ବିଜ୍ଞାନ ମେଳା

ନାରାୟଣପାଟଣା,୨୪।୯(ଡି.ଏନ.ଏ.)

ନାରାୟଣପାଟଣା ବ୍ଲକ ପାଟିଙ୍ଗି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ଏକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଚନ୍ଦନ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ମେଳାରେ ଅବସରପ୍ରାପ୍ତ ଶିକ୍ଷକ କେ. ନାଗେଶର ପଟ୍ଟନାୟକ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍ଘାଟନ କରିଥିଲେ। ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ୭୫ଟି ବିଜ୍ଞାନ ପ୍ରକଳ୍ପକୁ ବୁଲି ଦେଖିଥିଲେ। ଶିକ୍ଷକ ସୁବ୍ରତ ଭୋଇ, ଜ୍ଞାନେନ୍ଦ୍ର ପାଣି, ପ୍ରଦୀପ୍ତ ମୁଦୁଲିଙ୍କ ସହ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ କନିଷ୍ଠ ଏବଂ ବରିଷ୍ଠ ବର୍ଗର ତିନୋଟି ପ୍ରକଳ୍ପ ଉଚ୍ଚକୋଟିରେ ବିବେଚିତ ହୋଇଥିଲା। ଏସ. ସୁନୀତାଙ୍କ ପ୍ରକଳ୍ପ ପ୍ରଥମ, ଜି. ପୂର୍ଣ୍ଣିମା ଏବଂ ରଞ୍ଜିତା ଖୋସଲା ଦ୍ୱିତୀୟ ଏବଂ ସରଜ୍ୟ ମେଲେକା ଏବଂ ଆଞ୍ଜେଲିନା ହିଆଲଙ୍କ ପ୍ରକଳ୍ପ ତୃତୀୟ ବିବେଚିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରି ସେମାନେ ଭବିଷ୍ୟତରେ ନିଜକୁ ବୈଜ୍ଞାନିକ ରୂପେ ଗଢି ତୋଳିବା ଲାଗି ଲକ୍ଷ୍ୟ ରଖିବା ଉଚିତ୍ ବୋଲି ମୁଖ୍ୟ ଅତିଥି ପଟ୍ଟନାୟକ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବିଜ୍ଞାନମେଳା ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ବଦଳାଇବାକୁ ଦାବି

- ବିକ୍ରମଦେବ ମହାବିଦ୍ୟାଳୟ ସମ୍ମୁଖରେ ସ୍ଥାପନ ହୋଇଛି
- ଗବେଷକ ପରେଶ ରଥ ଉଠାଇଲେ ପ୍ରସଙ୍ଗ
- ପ୍ରଶାସନ କାହାର ମତ ନ ନେଇ ପ୍ରତିଷ୍ଠା କରିଛି ପ୍ରତିମୂର୍ତ୍ତି

ଜୟପୁର,୨୪।୯(ନି.ପ୍ର.)

ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ ସମ୍ମୁଖରେ ସ୍ଥାପନ କରାଯାଇଥିବା ରାଜର୍ଷି ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତିକୁ ନେଇ ସମସ୍ତ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଯେଉଁ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି ତାହା ରାଜର୍ଷି ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ନୁହେଁ। ତାଙ୍କର ପ୍ରତିମୂର୍ତ୍ତି ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ଯେପରି ସ୍ଥାପନ ହୋଇଛି, ସେହିପରି ମୂର୍ତ୍ତି ଏଠାରେ ସ୍ଥାପନ କରାଯାଉ। ରାଜନହର ଭିତରେ ମଧ ତାଙ୍କର ପ୍ରତିମୂର୍ତ୍ତି ରହିଛି। ଯେଉଁ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି ତାହା ବିକ୍ରମଦେବ ବର୍ମାଙ୍କ ନୁହେଁ ବୋଲି ଗବେଷକ ପରେଶ ରଥ ପ୍ରକାଶ କରିଛନ୍ତି। ଏନେଇ ଜୟପୁର ବକ୍ସିସାହିର ଅନ୍ନପୂର୍ଣ୍ଣା କଟେଜଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେତେକ ଫଟୋଚିତ୍ର ଭିଡିଓ ମାଧମରେ ରଥ ଉପସ୍ଥାପନକରି ଏହି ଦାବି କରିଛନ୍ତି। ମହାରାଜା ବିକ୍ରମଦେବ ବର୍ମାଙ୍କ ଜୟପୁର ପ୍ରତି ଅବଦାନ ଅତୁଳନୀୟ। ବିକ୍ରମଦେବ ଥିଲେ ଜଣେ କବି, ନାଟ୍ୟକାର, ଗବେଷକ, ସଂସ୍କୃତବିଦ୍ ଓ ସାହିତ୍ୟାନୁରାଗୀ। କଟକ ମେଡିକାଲ କଲେଜ, ବିକ୍ରମଦେବ କଲେଜ, ବିକ୍ରମଦେବ ଚାରୁକଳା ବିଦ୍ୟାଳୟ ହେଉଛି ତାଙ୍କ ଅବଦାନର ସ୍ୱାକ୍ଷର। ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପୂର୍ବରୁ ଏକ କମିଟି ଗଠନ କରାଯାଇ ନିଷ୍ପତ୍ତି ନେବାର ଆବଶ୍ୟକତା ଥିଲା। ମାତ୍ର ପ୍ରଶାସନ କାହାର କିଛି ମତ ନ ନେଇ ଅନ୍ୟ କାହାର ପ୍ରତିମୂର୍ତ୍ତି ସ୍ଥାପନ କରି ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ବୋଲି ଆଖ୍ୟା ଦେଇଛି। ଏହି ଖବରଦାତା ସମ୍ମିଳନୀରେ ବୁଦ୍ଧିଜୀବୀ ସୁରେଶ ଦାସ, ଏସ୍.ଏନ୍. ଆଚାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଗବେଷକ ପରେଶ ରଥ ସୂଚନା ଦେଉଛନ୍ତି।

# ଭୋଟର ସଚେତନତା କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଜୟପୁର,୨୪।୯(ନି.ପ୍ର.)

ସ୍ଥାନୀୟ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉପଜିଲାପାଳ ବେଦବର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶନିବାର ଭୋଟର ସଚେତନତା ଏବଂ ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ମହାବିଦ୍ୟାଳୟର ଅଧାପକ ଡ. କିଚକ ଚନ୍ଦ୍ର ଜେନା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗୀକରଣ ପ୍ରକ୍ରିୟା ଉପରେ ବୁଝାଇଥିଲେ। ଏହି କାର୍ଯ୍ୟରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କିପରି ଅଧିକରୁ ଅଧିକ ଏଥିରେ ସାମିଲହେବେ ସେ ନେଇ ଅତିଥିମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ଭୋଟରମାନେ ନିଜ ଆଧାର ନମ୍ବର ଭୋଟର ହେଲ୍ପ ଲାଇନ ଦ୍ୱାରା ସଂଯୋଗ କରିପାରିବେ କିମ୍ବା ବିଏଲ୍ଓଙ୍କ ମାଧମରେ ଏହା କରିପାରିବେ ବୋଲି ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏଣିକି ବର୍ଷକୁ ୪ ଥର ଜାନୁୟାରୀ, ଏପ୍ରିଲ, ଜୁଲାଇ ଏବଂ ଅକ୍ଟୋବରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ନିଜ ନାମ ଭୋଟର ତାଲିକାରେ ସଂଯୋଗ କରିପାରିବେ। କାର୍ଯ୍ୟକ୍ରମରେ ବିଏଲ୍ଓ ସୁପରଭାଇଜର ଯଜ୍ଞେଶ୍ୱର ପଣ୍ଡା ସଂଯୋଜନା କରିଥିଲେ। କିରଣ ଚନ୍ଦ୍ର ମହାରଣା ପରିଚାଳନା କରିଥିଲେ। ବିଏଲ୍ଓ ସସ୍ମିତା ମେକାପ ଓ ସିଦ୍ଧାର୍ଥ ପ୍ରତୀକ ନାଏକ ଯୁବ ମତଦାତାଙ୍କୁ ଆପ୍ ମାଧମରେ ଆଧାର ସଂଯୋଗୀକରଣ କୌଶଳ ବତାଇଥିଲେ। କାର୍ଯ୍ୟକ୍ରମରେ କୁମୁଦ ମିଶ୍ର, ଡ. ଲକ୍ଷ୍ମଣ ପାତ୍ର, ନିରୂପ ଫିଲିପ, ଜେ.କେ.ସତ୍ପଥ, ମୋହନ ଚନ୍ଦ୍ର କ୍ଷୁଦ୍ର, ମୋନାଲିସା ଖୋସ୍ଲା, ନମିତା ପାଢ଼ୀ, ମାଧୁରୀ ଓରାନ, ଲୋପାମୁଦ୍ରା ମହାରଣାଙ୍କ ସମେତ ମହାବିଦ୍ୟାଳୟର ଅଧାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବୃନ୍ଦାବନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ

ଦାମନଯୋଡି,୨୪।୮(ଡିଏନଏ)

ଲମତାପୁଟରୁ ଜୁନାଗଡ଼ ଦେଇ କଳାହାଣ୍ଡି ଜିଲାକୁ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ବେଳେ ଦାମନଯୋଡି ପୋଲିସ ଏହାକୁ ଜବତ କରିଛି। ଖବର ନେବାରେ ଜଣାପଡ଼ିଛି, ଜୁନାଗଡ଼ର ପ୍ରଶାନ୍ତ ମେହେର ଓ ଭୋଜରାଜ ପ୍ରଧାନୀ ବାଇକ୍ (ଓଡ଼ି ୦୮ଡି-୫୧୦୩) ଯୋଗେ ଲମତାପୁଟରୁ କଳାହାଣ୍ଡି ଜିଲାକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏନେଇ ପାଇ ଦାମନଯୋଡି ପୋଲିସ ମାଥାଲପୁଟ ମେଡିକାଲ ଛକ ନିକଟରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡିରୁ ୨୩ କେଜି ୬୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। କୋରାପୁଟ ତହସିଲଦାର ରଞ୍ଜନ ମାନସେଠଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଏହାର ବଜାର ମୂଲ୍ୟ ୭୦ ହଜାର ଟଙ୍କା ହେବ। ଆଇଆଇସି ଗୌରହରୀ ସାହୁ, ଏସଆଇ ଦୀପକ ପଣ୍ଡା, ଏଏସଆଇ ଅନିମେଶ ଚନ୍ଦ୍ର ମାଳି ଯାଞ୍ଚରେ ସାମିଲ ହୋଇଥିଲେ।

# ଉରମାଗୁଡ଼ାକୁ ହରାଇ ଏମ୍ଭି-୬ ବିଜୟୀ



ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ମା'ବାସନ୍ତୀ ଫୁଟ୍ବଲ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ**

ମାଲକାନଗିରି,୨୪।୯(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ବଦଲି ଗ୍ରାମରେ ଆୟୋଜିତ ମା' ବାସନ୍ତୀ ଫୁଟ୍ବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଏମ୍ଭି-୬ ଓ ଉରମାଗୁଡ଼ା ଟିମ୍ ପରସ୍ପରକୁ ଭେଟିଥିଲେ। ଉରମାଗୁଡ଼ାକୁ ହରାଇ ଏମ୍ଭି-୬ ବିଜୟୀ ହୋଇଛି। ଉତ୍ସବରେ ଅତିଥି ରୂପେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ପୂର୍ବତନ ବିଧାୟକ ମାନସ ମାଡକାମୀ, ବିଜେଡିର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ପରିଷଦ ଉପାଧକ୍ଷ ପତିତ ପାବନ ବୈଦ୍ୟ, ସରପଞ୍ଚ ଦୀନବନ୍ଧୁ ମାଢ଼ି, କଂଗ୍ରେସ ନେତା ମାଲା ମାଢି, ସାମାଜିକ କର୍ମୀ କିଶୋର ସିକଦାର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନକରି ପୁରସ୍କୃତ କରିଥିଲେ। ମ୍ୟାଚ ଦେଖିବା ପାଇଁ ଆଖପାଖ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ବେଶ୍ ଭିଡ଼ ହୋଇଥିଲା।

# ମନୋରଞ୍ଜନ ଶ୍ରେଷ୍ଠ ଅଧିକାରୀ, ଗାୟତ୍ରୀ ଶ୍ରେଷ୍ଠ ସ୍ୱେଚ୍ଛାସେବୀ

**ଏନ୍ଏସ୍ଏସ୍ର ପ୍ରତିଷ୍ଠା ଦିବସ**

ଜୟପୁର,୨୪।୯(ନି.ପ୍ର.)

ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ର ୫୩ତମ ପ୍ରତିଷ୍ଠା ଦିବସ ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ସଭାଗୃହରେ ଅନୁଷ୍ଠିତ ଏକ ସମାରୋହରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲାର ଶ୍ରେଷ୍ଠ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନିତ କରାଯାଇଛି। ଏଥିରେ କୋରାପୁଟ ଜିଲା ପାଇଁ ଏନ୍ଏସ୍ଏସ୍ରେ ଉଲ୍ଲେଖନୀୟ ସେବା ନିମନ୍ତେ ସରକାରୀ ମହିଳା ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ. ମନୋରଞ୍ଜନ ପ୍ରଧାନଙ୍କୁ ବୀର ସେବକ ପୁରସ୍କାର ଓ ସେହି କଲେଜର ସ୍ୱେଚ୍ଛାସେବୀ ଗାୟତ୍ରୀ ତନ୍ତୀଙ୍କୁ ସେବା ନାୟକ ପୁରସ୍କାରରେ ସମ୍ମାନିତ କରାଯାଇଛି। ପୁରସ୍କାର ବିତରଣରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୀ ଜଗଦାନନ୍ଦ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାସ, ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ସଂଯୋଜକ ଡ. ଜୟନ୍ତ ପଣ୍ଡା, ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରସନ୍ନ ସ୍ୱାଇଁ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ପୁରସ୍କୃତ ହୋଇଥିବା ପ୍ରୋଗ୍ରାମ ଅଫିସର ଓ ଛାତ୍ରୀ।

# ଡ୍ରେନ୍ ସଫେଇ କଲେ ପିଇଓ



ପିଇଓ ମାଳିଗୁଡା ଗ୍ରାମ ଡ୍ରେନ ସଫା କରୁଛନ୍ତି।

ମାଥିଲି/ମାଲକାନଗିରି, ୨୪।୯ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପିଇଓ ଅଶୋକ କୁମାର ମହାରଣା ଗ୍ରାମବାସୀଙ୍କୁ ଦେଇଛନ୍ତି ସ୍ୱଚ୍ଛତା ବାର୍ତ୍ତା। ଉଦୁଲିବେଡା ପଞ୍ଚାୟତର ମାଳିଗୁଡା ଗ୍ରାମରେ ଶନିବାର ପିଇଓ ମହାରଣା କୋଡି କୋଦାଳ ଧରି ଡ୍ରେନ ସଫେଇ କରିଛନ୍ତି। ମାଳିଗୁଡାଠାରେ ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମବାସୀଙ୍କୁ ଗ୍ରାମ ପରିବେଶ ସଫାସୁତରା ରଖିବାକୁ ସଚେତନ କରାଯାଇଥିଲା। ମାତ୍ର ସଫେଇ କାର୍ଯ୍ୟରେ ସାମିଲ ହେବାକୁ କେହି ଆଗେଇ ଆସି ନ ଥିଲେ। ଶେଷରେ ପିଇଓ ମହାରଣା କୋଡି କଦାଳ ଧରି ସାହି ଡ୍ରେନ କାଦୁଅ ସଫା କରିଥିଲେ। ପିଇଓଙ୍କ କାର୍ଯ୍ୟକୁ ଦେଖି ପରେ ସରପଞ୍ଚ ଏବଂ ଲୋକମାନେ ଏଥିରେ ସାମିଲ ହୋଇଥିଲେ। ସାମିଲ ହୋଇ ଗାଁର ପରିବେଷକୁ ସଫା କରିଥିବା ଦେଖିବାକୁ ମିଳିଥିଲା।

# ଭାଲୁ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କୁନ୍ଦୁରା,୨୪।୯ (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ କାଳିଆକାଦ ଗ୍ରାମର ମୂଳିଆ ପରଜାଙ୍କ ଭାଲୁ ଆକ୍ରମଣରେ ମୃତ୍ୟୁ ହୋଇଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି। ମୂଳିଆ ଶୁକ୍ରବାର ନିଜ ଭଉଣୀ ଘରକୁ ଯାଇ ଫେରିବା ସମୟରେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ ଏବଂ ପରିବାର ଲୋକେ ତାଙ୍କୁ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

**OFFICE OF THE SUPERINTENDENT**
**BLOCK PROGRAMME MANAGEMENT UNIT (NHM)**
Charmal, CHC, Block: Rairakhol, Sambalpur
Email: bpmu.charmal@gmail.com
Adv. 193 Date: 21.09.2022
**EXTENSION OF QUOTATION SUBMISSION DATE**
The last date of submission of bid for the quotation call for "Hiring of BPMU Vehicle" vide Advt. No. 187 on Dtd.12.09.2022 published in the daily Newspapers i.e. "Dharitri" & "Dainaik Bhaskar" on Dtd.14.09.2022 & in Sambalpur district website: www.sambalpur.nic.in has been extended to 27.09.2022 upto 5 P.M. All other terms & conditions shall remain unchanged.
Sd./- Superintendent CHC Charmal, Sambalpur

